RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -132 ସଂଖ୍ୟା-୧୩୨
ଭୁବନେଶ୍ୱର, ମଙ୍ଗଳବାର ୦୪ ଅଗଷ୍ଟ ୨୦୨୬
Bhubaneswar, Tuesday 04 August, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# କଟକରେ ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦଘାଟନ କଲେ ରାଷ୍ଟ୍ରପତି

ଭୁବନେଶ୍ୱର,୩।୮(): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି କଟକର ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦଘାଟନ କରିଛନ୍ତି ।କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି ଯେ ଓଡ଼ିଶା ଜ୍ଞାନ, ସଂସ୍କୃତି, ଆଧାତ୍ମିକତା ଏବଂ ସେବାର ସମୃଦ୍ଧ ପରମ୍ପରା ଥିବା ଏକ ମାଟି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଏହି ପବିତ୍ର ମାଟି ଶହ ଶହ ବର୍ଷ ଧରି ସମାବେଶୀ ଭାବନା, କରୁଣା ଏବଂ ମାନବ କଲ୍ୟାଣର ବାର୍ତ୍ତା ପ୍ରଚାର କରିଆସିଛି। କଟକର ଏହି ଅଞ୍ଚଳ 'ଉତ୍କଳ ଗୌରବ' ମଧୁସୂଦନ ଦାସ, 'କର୍ମବୀର' ଗୌରୀଶଙ୍କର ରାୟ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବିଜୁ ପଟ୍ଟନାୟକଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କ ଜନ୍ମଭୂମି ମଧ୍ୟ। ଏହା 'ଉତ୍କଳମଣି' ପଣ୍ଡିତ ଗୋପବନ୍ଧୁ ଦାସ ଏବଂ 'ଉତ୍କଳ କେଶରୀ' ଡକ୍ଟର



ହରେକୃଷ୍ଣ ମହତାବଙ୍କ କର୍ମଭୂମି। ଜନସେବା, ସାହିତ୍ୟ ଓ ସଂସ୍କୃତିରେ କଟକର ଅବଦାନ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରେରଣାଦାୟକ। ଏପରି ଏକ ଗୌରବଶାଳୀ ଅଞ୍ଚଳରେ ପ୍ରତିଷ୍ଠିତ ହୋଇଥିବା ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଭାରତର ପ୍ରାଚୀନ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାକୁ ଆଧୁନିକ ଶିକ୍ଷା ସହିତ ସଂଯୋଜିତ କରିବା ସହିତ ସମାଜ ଓ ରାଷ୍ଟ୍ର ସେବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ହେବ ବୋଲି ଆଶା କରାଯାଉଛି।

ରାଷ୍ଟ୍ରପତି କହିଛନ୍ତି, ଭାରତରେ ଏକ ବୃହତ ଯୁବଶକ୍ତି ରହିଛନ୍ତି । ଏହା ଆମର ସର୍ବଶ୍ରେଷ୍ଠ ସମ୍ପତ୍ତି। ଏହି ସମ୍ପତ୍ତିର ସଠିକ୍ ବ୍ୟବହାର ପାଇଁ ଆମର ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏପରି ଏକ ପରିବେଶ ସୃଷ୍ଟି କରିବାକୁ ପଡିବ ଯେଉଁଠାରେ ଯୁବପିଢ଼ି ସେମାନଙ୍କର ପ୍ରତିଭାକୁ ସମ୍ପୂର୍ଣ୍ଣ ଭାବରେ ବିକଶିତ କରିପାରିବେ ଏବଂ ସେମାନଙ୍କର ସ୍ୱପ୍ନ ଓ ଆକାଂକ୍ଷାକୁ ସାକାର କରିପାରିବେ। ସେମାନଙ୍କୁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରିବାକୁ ପଡିବ। ବିଶ୍ୱବିଦ୍ୟାଳୟଗୁଡ଼ିକର ଦାୟିତ୍ୱ ହେଉଛି ଯେ ସେମାନେ ସଚ୍ଚୋଟତା, ଶୃଙ୍ଖଳା, ସମ୍ବେଦନଶୀଳତା ଏବଂ ଜାତୀୟ ସ୍ୱାର୍ଥଭାବନାରେ ପରିପୂର୍ଣ୍ଣ ନାଗରିକମାନଙ୍କୁ ପ୍ରସ୍ତୁତ କରନ୍ତୁ । ଯୁବପିଢ଼ିଙ୍କ ଜ୍ଞାନ ସେତିକିବେଳେ ଅର୍ଥପୂର୍ଣ୍ଣ ହୋଇଥାଏ, ଯେତେବେଳେ ଏହା ମାନବତା, ସମାଜର କଲ୍ୟାଣ ଏବଂ ରାଷ୍ଟ୍ର ପ୍ରଗତିରେ ଉତ୍ସର୍ଗୀକୃତ ହୋଇଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି।

ରାଷ୍ଟ୍ରପତି କହିଛନ୍ତି, ଆମେ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ପାଇଁ ଲକ୍ଷ୍ୟ ରଖିଛୁ। ଏହି ଲକ୍ଷ୍ୟ ହାସଲ କରିବାରେ ଆମର ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଜ୍ଞାନ କେନ୍ଦ୍ର ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ ଯେଉଁଠାରେ



ବିକଶିତ ଚିନ୍ତାଧାରା ଓ ପ୍ରଯୁକ୍ତିବିଦ୍ୟା ସମାଜର ଆବଶ୍ୟକତାକୁ ପୂରଣ କରେ। ସେ ଗୁରୁତ୍ୱାରୋପ କରି କହିଛନ୍ତି, ଆଧୁନିକ ଜ୍ଞାନକୁ ଗ୍ରହଣ କରିବା ସହିତ ସେମାନଙ୍କୁ ନୈତିକ ମୂଲ୍ୟବୋଧକୁ ମଧ୍ୟ ବଜାୟ ରଖିବାକୁ ପଡିବ। ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଗବେଷଣା, ନୂତନ ଉଦ୍ଭାବନ ଏବଂ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରିବା ସହିତ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦେବ ବୋଲି ଜାଣି ସେ ଖୁସି ହୋଇଥିଲେ । ଏହି ବିଶ୍ୱବିଦ୍ୟାଳୟ ଦକ୍ଷ ମାନବଶକ୍ତି, ଗବେଷକ ଏବଂ ଉଦ୍ୟୋଗୀମାନଙ୍କୁ ପ୍ରସ୍ତୁତ କରିବ ଯେଉଁମାନେ ଏକ ବିକଶିତ ଓଡ଼ିଶା ଏବଂ ଏକ ବିକଶିତ ଭାରତର ଲକ୍ଷ୍ୟରେ ଯୋଗଦାନ ଦେବେ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ସାଢେ ଚାରି କୋଟି ଓଡ଼ିଶାବାସୀଙ୍କ ତରଫରୁ, ମୁଁ ଆମ ମାଟିର ଗୌରବ, ଓଡ଼ିଶାର ସୁଯୋଗ୍ୟ କନ୍ୟା, ଭାରତର ପ୍ରଥମ ନାଗରିକ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଜୀଙ୍କୁ ଆଜିର ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମକୁ ହାର୍ଦ୍ଦିକ ସ୍ୱାଗତ କରୁଛି । ମହାମହିମ, ଆପଣଙ୍କର ପ୍ରତ୍ୟେକ ଆଗମନ ପରି ଆଜିର ଗାରିମାମୟ ଉପସ୍ଥିତି ଓଡ଼ିଶାର ଜନମାନସରେ ନୂତନ ଉତ୍ସାହ, ଆଶା ଓ ପ୍ରେରଣା ସଞ୍ଚାର କରିଛି । ଆଜି ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଏହି ଶୁଭ ଉଦ୍‌ଘାଟନ କେବଳ ଗୋଟିଏ ନୂତନ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ନୁହେଁ; ଏହା ଓଡ଼ିଶାକୁ ଉଚ୍ଚଶିକ୍ଷା, ଗବେଷଣା, ଏବଂ ନୈତିକ ଚରିତ୍ର ନିର୍ମାଣର ଏକ ବିଶ୍ୱସ୍ତରୀୟ ଶିକ୍ଷାକେନ୍ଦ୍ରରେ ରୂପାନ୍ତରିତ କରିବାର ନୂତନ ଯାତ୍ରା। ପରମପୂଜ୍ୟ ଜଗଦ୍‌ଗୁରୁ ଶ୍ରୀ କୃପାଳୁ ଜୀ ମହାରାଜ ଥିଲେ ଆଧୁନିକ ଯୁଗର ଜଣେ ଯୁଗପ୍ରବର୍ତ୍ତକ ସନ୍ଥ, ଯିଏ ଭାରତର ବୈଦିକ ଜ୍ଞାନ, ଆଧ୍ୟାତ୍ମିକ ଚେତନା ଏବଂ ପ୍ରେମ-ଭକ୍ତିର ବାର୍ତ୍ତାକୁ ବିଶ୍ୱବ୍ୟାପୀ ପ୍ରସାରିତ କରିଥିଲେ । ତାଙ୍କର ଅଗାଧ ଶାସ୍ତ୍ରଜ୍ଞାନ, ମାନବକଲ୍ୟାଣକାରୀ ଦର୍ଶନ ଏବଂ ନିଷ୍କାମ ସେବା ଭାବନା ପ୍ରତ୍ୟେକ ନାଗରିକଙ୍କୁ ଆଧ୍ୟାତ୍ମିକତା ସହ ସାମାଜିକ ଦାୟିତ୍ୱବୋଧର ଶିକ୍ଷା ଦେଇଥାଏ ।ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଭାରତୀୟ ମୂଲ୍ୟବୋଧ ଓ ସନାତନ ଆଦର୍ଶ ଉପରେ ପ୍ରତିଷ୍ଠିତ। ପରମପୂଜ୍ୟ ପରମହଂସ ଶ୍ରୀ ଜଗଦ୍‌ଗୁରୁ କୃପାଳୁ ଜୀ ମହାରାଜଙ୍କ ଦିବ୍ୟ ସ୍ମୃତିରେ ଗଠିତ ଏହି ମହାନ୍ ଅନୁଷ୍ଠାନ, ଆଧୁନିକ ବିଜ୍ଞାନ ଓ ବୈଷୟିକ ପ୍ରଗତି ସହିତ ଭାରତର ସମୃଦ୍ଧ ଆଧ୍ୟାତ୍ମିକ ସଂସ୍କୃତିର ଏକ ଅପୂର୍ବ ସମନ୍ୱୟ ପ୍ରତିଷ୍ଠା କରିବାକୁ ଯାଉଛି ।

# ପଛକୁ ହଟିଲେ ଟ୍ରମ୍ପ

ତେହରାନ/ୱାଶିଂଟନ,୩।୮: ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧର ସମ୍ଭାବନା ହ୍ରାସ ପାଉଛି। ଉଭୟ ରାଷ୍ଟ୍ର ପୁଣି ଏକ ଚୁକ୍ତିନାମା ଆଡକୁ ଅଗ୍ରସର ହେଉଛନ୍ତି, କିନ୍ତୁ ଏହା ମଧ୍ୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଦେଇଛନ୍ତି। ସେ ପ୍ରକାଶ କରିଛନ୍ତି ଯେ ଆମେରିକା ଇରାନ ଉପରେ ଏକ ବଡ଼ ଆକ୍ରମଣ ଯୋଜନା କରିଥିଲା – ଯାହା



ଟ୍ରମ୍ପଙ୍କ ଅନୁସାରେ, ଏକ ବିଶ୍ୱଯୁଦ୍ଧ ସଦୃଶ ହୋଇଥାନ୍ତା। ଏହି ସମୟରେ, ଇରାନ ମଧ୍ୟ ଏକ ଅଟଳ ମନୋଭାବ ଗ୍ରହଣ କରିଛି; ଏହାର ବୈଦେଶିକ ମନ୍ତ୍ରଣାଳୟ ଚେତାବନୀ ଦେଇଛି ଯେ ଆମେରିକାର ଯେକୌଣସି ବେପରୁଆ ପଦକ୍ଷେପର କଠୋର ଜବାବ ଦିଆଯିବ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, 'ଏକ ବଡ଼ ଆକ୍ରମଣ ଆସନ୍ନ ଥିଲା। ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସବୁଠାରୁ ବଡ଼ ଆକ୍ରମଣ ହୋଇଥାନ୍ତା, କିନ୍ତୁ ଇରାନ ଆମକୁ ଆଗକୁ ନ ବଢ଼ିବାକୁ ଅନୁରୋଧ କରିଥିଲା। ସେମାନେ କହିଥିଲେ, 'ଦୟାକରି ଏହା କରନ୍ତୁ ନାହିଁ।' ସେମାନଙ୍କ ପଡ଼ୋଶୀମାନେ ମଧ୍ୟ ସମାନ ଅନୁରୋଧ କରିଥିଲେ, ତେଣୁ ଆମେ ଏବେ ପରମାଣୁ ଅସ୍ତ୍ରଶସ୍ତ୍ର ନିଷ୍କାସନ ସମ୍ପର୍କରେ ଏକ ଚୁକ୍ତିରେ ପହଞ୍ଚିପାରିବା କି ନାହିଁ ତାହା ଦେଖିବା ପାଇଁ ଅପେକ୍ଷା କରିଛୁ।'

ଟ୍ରମ୍ପ ଆହୁରି କହିଛନ୍ତି, 'ସାଉଦି ଆରବ, ୟୁଏଇ, କତାର ଏବଂ ଇରାନ ସମସ୍ତେ ଆମକୁ ଏହା ନକରିବାକୁ କହିଥିଲେ। ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲୁ। ଇରାନ ଉପରେ ଏକ ବଡ଼ ଆକ୍ରମଣ ହେବାର ଯୋଜନା ଥିଲା, କିନ୍ତୁ ଯେତେବେଳେ ସହଯୋଗୀମାନେ ଏହାକୁ ଏଡାଇବାକୁ ଅନୁରୋଧ କରନ୍ତି, ଆପଣଙ୍କୁ ବିରାମ ନେଇ ଚିନ୍ତା କରିବାକୁ ପଡିବ। ସେମାନେ ପଚାରିବାର କାରଣ ହେଉଛି ସେମାନେ ବିଶ୍ୱାସ କରନ୍ତି ଯେ ଏକ ଚୁକ୍ତି ସମ୍ଭବ ହୋଇପାରେ। ହର୍ମୁଜ ପ୍ରଣାଳୀ ସମ୍ପର୍କରେ ଏକ ଚୁକ୍ତି, ତା'ପରେ ଏକ ପରମାଣୁ ଚୁକ୍ତି। ମୁଁ ଏହାକୁ ଇରାନର ପରମାଣୁ ନିରସ୍ତ୍ରୀକରଣ କହୁଛି। ଆମେ ବର୍ତ୍ତମାନ ପାଇଁ ଅଟକି ରହିଛୁ। ଆମେ ଯେତେବେଳେ ଚାହିଁବୁ ତାହା କରିପାରିବୁ।'ଟ୍ରମ୍ପ କହିଛନ୍ତି, 'ଇରାନ ମଧ୍ୟ ଜିଦ ଧରିଛି ଯେ ସେମାନେ ଏକ ଚୁକ୍ତି ଚାହାଁନ୍ତି। ବର୍ତ୍ତମାନ, ମୁଁ ଠିକ ଭାବରେ ଜାଣିନାହିଁ ଯେ ସେମାନେ କ'ଣ କହୁଛନ୍ତି, କାରଣ କେତେବେଳେ ସେମାନେ ମୋତେ ଗୋଟିଏ କଥା କୁହନ୍ତି ଏବଂ ତା'ପରେ ଦାବି କରନ୍ତି ଯେ ସେମାନେ ଜାଣନ୍ତି ନାହିଁ ମୁଁ କ'ଣ କହୁଛି। ସେମାନେ ଆକ୍ରମଣ ହେବାକୁ ଚାହାଁନ୍ତି ନାହିଁ। ସେମାନେ ପରିସ୍ଥିତିର ଗମ୍ଭୀରତାକୁ ବୁଝିପାରିଲେ କାରଣ ସେମାନେ ଏହା ବିଗିଡି ଯାଉଥିବା ଦେଖିପାରିବେ।'

# ଟିଏମସି ଛାଡିଲେ ନେତାଜୀଙ୍କ ନାତି

କୋଲକାତା,୩।୮: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ଠାରୁ ହାରିଥିବା ମମତା ବାନାର୍ଜୀଙ୍କ ଟିଏମସିକୁ ଆଉ ଏକ ଝଟକା। ଆଜି ଟିଏମସିକୁ ଅଲବିଦା କରିଛନ୍ତି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନାତି ଚନ୍ଦ୍ର କୁମାର ବୋଷ। ସେ ବ୍ୟକ୍ତିଗତ କାରଣ ପାଇଁ ଟିଏମସିରୁ ଇସ୍ତଫା ଦେଇଛନ୍ତି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଚନ୍ଦ୍ର କୁମାର ବୋଷ ବିଜେପି ଛାଡି ଟିଏମସିରେ ସାମିଲ ହୋଇଥିଲେ। ହେଲେ ନିର୍ବାଚନ ପରେ ସେ ଟିଏମସି ଛାଡି ଦେଇଛନ୍ତି। ଟିଏମସିରେ ମିଶିବା ବେଳେ ସେ ବିଜେପିରେ ସାମିଲ ହେବା ତାଙ୍କର ଭୁଲ ଥିଲା ବୋଲି କହିଥିଲେ। ଏବେ ସେ ଏବେ ବ୍ୟକ୍ତିଗତ କାରଣ ପାଇଁ ଟିଏମସି ଛାଡୁଥିବା କହିଛନ୍ତି। ଚନ୍ଦ୍ର ବୋଷ ଟିଏମସିରୁ ଇସ୍ତଫା ଦେବା ସମ୍ପର୍କରେ କହିଛନ୍ତି ଯେ "ତତ୍କାଳ ଭାବେ ବ୍ୟକ୍ତିଗତ କାରଣରୁ ମୁଁ ତୃଣମୂଳ କଂଗ୍ରେସର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଉଛି।" ସେ ଇସ୍ତଫା ସମ୍ପର୍କରେ ନିଶ୍ଚିତ କରିଥିଲେ ହେଁ ଏଯାଏ ଟିଏମସି ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ।

# କେରଳରେ ବର୍ଷା ଓ ବନ୍ୟାର ତାଣ୍ଡବ: ୧୫ ମୃତ

ତିରୁବନନ୍ତପୁରମ,୩।୮(ନି.ପ୍ର.): କେରଳରେ ବର୍ଷାଜନିତ ଘଟଣାରେ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି ବୋଲି ମୁଖ୍ୟମନ୍ତ୍ରୀ ଭିଡି ସତୀସନ୍ ସୋମବାର କହିଛନ୍ତି। ସାତ ଜଣ ଏବେବି ନିଖୋଜ ଅଛନ୍ତି। କୋଟ୍ଟାୟମ ଜିଲ୍ଲାରେ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟ ହୋଇଛି, ଯେଉଁଥିରେ ପୁଞ୍ଜାର ବିଧାନସଭା ନିର୍ବାଚନମଣ୍ଡଳୀର ଦୁଇଜଣ ଓ ପାଣି ଟାଙ୍କିରେ ପଡ଼ି ବୁଡ଼ି ଯାଇଥିବା ଜଣେ ଶିଶୁ ସାମିଲ ଅଛନ୍ତି।ଏର୍ଣ୍ଣାକୁଲମରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଇଡୁକ୍କି ଓ ମୁଭାଟ୍ଟୁପୁଝାରେ ଜଣେ ଲେଖାଏଁଙ୍କର ମୃତ୍ୟୁ ହୋଇଛି। କୋଲ୍ଲମରେ ଦୁଇଜଣ, ମାଲାପ୍ପୁରମରେ ଚାରି ଜଣ, କନ୍ନୁରରେ ଜଣେ ଓ କୋଝିକୋଡରେ ଜଣେ ପ୍ରାଣ ହରାଇଛନ୍ତି। ସାତ ଜଣ ଏବେବି ନିଖୋଜ ଅଛନ୍ତି। କୋଲ୍ଲମରେ ଦୁଇଜଣ, କନ୍ନୁରରେ ଦୁଇଜଣ, ମାଲାପ୍ପୁରମରେ ଜଣେ ଏବଂ ଇଡୁକ୍କି ଏବଂ ମୁଭାଟ୍ଟୁପୁଝାରେ ଜଣେ ନିଖୋଜ ଅଛନ୍ତି ବୋଲି ସତୀସନ୍ କହିଛନ୍ତି।

ସୋମବାର ସକାଳ ୯ଟା ସୁଦ୍ଧା ରାଜ୍ୟରେ ୩୧୬ଟି ରିଲିଫ୍ ଶିବିର କାର୍ଯ୍ୟ କରୁଛି, ବର୍ଷା ଓ ବନ୍ୟା ଯୋଗୁଁ ବିସ୍ଥାପିତ ୧୧,୦୧୮ ଜଣଙ୍କୁ ଆଶ୍ରୟ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟର ବନ୍ୟା ପରିସ୍ଥିତିର ସମୀକ୍ଷା କରିବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସୋମବାର ଓ ଆସନ୍ତା ୬ ତାରିଖରେ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ଓ ଏହି ସମୟରେ ୪୦-୫୦ କିଲୋମିଟର ବେଗରେ ପବନ ବହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଉତ୍ତର କେରଳ ଉପକୂଳରେ ୨.୭ ରୁ ୩.୫ ମିଟର ଉଚ୍ଚ ଜୁଆର ଉଠିବା ନେଇ ଭାରତୀୟ ଜାତୀୟ ସାମୁଦ୍ରିକ ସୂଚନା ସେବା କେନ୍ଦ୍ର ସତର୍କ କରାଇଛି ଓ ମତ୍ସ୍ୟଜୀବୀ ତଥା ଉପକୂଳବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି।

## ପ୍ରାରମ୍ଭିକ ପର୍ଯ୍ୟାୟରେ ୧୧୦ କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଘୋଷଣା

# ବନ୍ୟାରେ ଘର ଭାଙ୍ଗିଥିଲେ ୧.୨୦ ଲକ୍ଷ, ଫସଲ କ୍ଷତି ପାଇଁ ୮୫୦୦ ଟଙ୍କା

ଭୁବନେଶ୍ୱର,୩।୮(ନି.ପ୍ର.);ରାଜ୍ୟରେ ବନ୍ୟା ପରିସ୍ଥିତିରେ ସୁଧାର ଆସିଛି। ରାଜ୍ୟର ୨୨ଟି ଜିଲ୍ଲାର ୮୫ଟି ବ୍ଲକ୍ ଓ ୧୫ଟି ପୌରାଂଚଳର ମୋଟ ୮.୬୩ଲକ୍ଷରୁ ଅଧିକ ଲୋକେ ଚଳିତ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ଏହି ବନ୍ୟା ପ୍ରଭାବିତଙ୍କ ପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ଆଜି ୧୧୦କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି। ପୂର୍ବରୁ ଅତ୍ୟଧିକ ବନ୍ୟା ପ୍ରଭାବିତ ଜିଲ୍ଲାଗୁଡିକୁ ୨୬କୋଟି ଟଙ୍କାର ଅଗ୍ରୀମ ସହାୟତା ଦିଆଯାଇଥିଲା। ଏବେ ପ୍ରାରମ୍ଭିକ ଆକଳନ ଆଧାରରେ ବନ୍ୟା ପ୍ରଭାବିତଙ୍କ ପାଖରେ ତୁରନ୍ତ ଆର୍ଥିକ ଓ ରିଲିଫ ସହାୟତା ପହଂଚାଇବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ଚଳିତ ବନ୍ୟାରେ ୨୨ଟି ଜିଲ୍ଲାର ୮୫ଟି ବ୍ଲକ, ୧୫ଟି ପୌରାଂଚଳ ଓ ୬୫୬ଟି ପଂଚାୟତର ୮.୬୩ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି ।ବନ୍ୟା ଯୋଗୁ ରାଜ୍ୟରେ ୬ଜଣଙ୍କ ମୃତ୍ୟୁ ଘଟିଥିବା ରାଜ୍ୟ ସରକାର ସୂଚନା ଦେଇଛନ୍ତି। ସେମାନଙ୍କ ପରିବାରକୁ ନିୟମାନୁସାରେ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ



୨୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି। ସେହିପରି ବନ୍ୟାରେ ପ୍ରାୟ ୩୫୬୭ଟି ଘର ନଷ୍ଟ ହୋଇଛ ଓ ୩୩,୪୫୮ହେକ୍ଟରରୁ ଅଧିକ ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ପ୍ରାରମ୍ଭିକ ଆକଳନରୁ ଜଣାପଡିଛି। ବନ୍ୟା ଯୋଗୁ ସର୍ତକତାମୂଳକ ପଦକ୍ଷେପ ସ୍ୱରୂପ ୨.୬୭ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପ୍ରଭାବିତ ଅଂଚଳରେ ୫୨୯ଟି ରିଲିଫ କେନ୍ଦ୍ର, ୩୧ଟି ପଶୁ ଶିବିର ଖୋଲାଯାଇ ରନ୍ଧା ଖାଦ୍ୟ, ପାନୀୟ ଜଳ, ଚୁଡା ଗୁଡ, ପଲିଥିନ ସିଟ୍ ଓ ୧୮୧୬ ମେଟ୍ରିକ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଉଛି। ବିଶେଷକରି ବାଲେଶ୍ୱର, ଭଦ୍ରକ,ଯାଜପୁର ଜିଲ୍ଲାରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର, ରିଲିଫ ଓ ସ୍ୱାସ୍ଥ୍ୟସେବା ଜାରି ରହିଛି। ଏହି ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ୨୦ଟି ଓଡ୍ରାଫ, ୭ଟି ଏନଡିଆରଏଫ ଓ ୧୭୨ଟି ଅଗ୍ନିଶମ ବାହିନୀର ଟିମକୁ ମିଶାଇ ମୋଟ ୧୯୯ଟି ଟିମ୍ ନିରନ୍ତର ଭାବେ କାର୍ଯ୍ୟରତ ଥିବା ସୂଚନା ମିଳିଛି।କ୍ଷତିଗ୍ରସ୍ତ ବାସଗୃହଗୁଡିକ ପାଇଁ ସରକାର ୪ହଜାର ଟଙ୍କାରୁ ୧.୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ ପ୍ରଦାନ କରିବେ। ସେହିପରି ଚାଷୀମାନଙ୍କ ଫସଲ କ୍ଷତି ପାଇଁ ଜମିର କିସମ ଅନୁସାରେ ହେକ୍ଟର ପିଛା ୮୫୦୦ରୁ ୨୨୫୦୦ଟଙ୍କା ପର୍ଯ୍ୟନ୍ତ ଏବଂ ମୃତ ଗୃହପାଳିତ ପଶୁଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଆର୍ଥିକ କ୍ଷତିପୂରଣର ଘୋଷଣା ହୋଇଛି।ଏହି ସମସ୍ତ ସହାୟତା ତୁରନ୍ତ ପ୍ରଭାବିତ ଲୋକଙ୍କୁ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ ଘରବାଡି କ୍ଷତିଗ୍ରସ୍ତ ପରିବାରମାନଙ୍କ ପାଇଁ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି ନିମନ୍ତେ ୧.୨୦ ଲକ୍ଷ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬୫୦୦ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ କଚ୍ଚା ଘର ପାଇଁ ୪୦୦୦ ଟଙ୍କା, ଭାଙ୍ଗିଯାଇଥିବା କୁଡିଆ ଘର ପାଇଁ ୮୦୦୦ ଟଙ୍କା ଓ ଗୁହାଳ ଘର ପାଇଁ ୩୦୦୦ ଟଙ୍କା ଦିଆଯିବ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି।

କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ଫସଲ ବା ଉଦ୍ୟାନ କ୍ଷୟକ୍ଷତି ନିମନ୍ତେ ଅଣଜଳସେଚିତ ଅଂଚଳ ହେକ୍ଟର ପିଛା ୮୫୦୦ ଟଙ୍କା, ଜଳସେଚିତ ଜମିରେ ୧୭ହଜାର ଟଙ୍କା ଓ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨୫୦୦ ଟଙ୍କା ହିସାବରେ ସହାୟତା ଯୋଗାଇ ଦିଆଯିବ।

# ବିହାର ଓ ମଧ୍ୟପ୍ରଦେଶ ଉପନିର୍ବାଚନରେ ବିଜେପିକୁ ଝଟ୍‌କା

## ବିଜେପି ଗଡ଼ରେ ଜିତିଲେ ପ୍ରଶାନ୍ତ କିଶୋର

ନୂଆଦିଲ୍ଲୀ,୩।୮: ବିହାର, ମଧ୍ୟପ୍ରଦେଶ ଉପନିର୍ବାଚନରେ ବିଜେପିକୁ ଝଟକା ମିଳିଛି। ତେବେ ଗୁଜରାଟରେ ବିଜେପିକୁ ସଫଳତା ମିଳିଛି। ଚର୍ଚ୍ଚିତ ବିହାରର ବାଙ୍କିପୁର ଉପ ନିର୍ବାଚନରେ ବିଜେପିର ନୀରଜ କୁମାରଙ୍କୁ ୧୮,୯୫୩ ଖଣ୍ଡ ଭୋଟରେ ହରାଇ ନୂଆ ଇତିହାସ ସୃଷ୍ଟି କରିଛନ୍ତି ପ୍ରଶାନ୍ତ କିଶୋର। ପିକେ ବିଜେପିର ଗଡରେ ପଦ୍ମକୁ ଭୁଶୁଡାଇବାକୁ ସକ୍ଷମ ହୋଇପାରିଛନ୍ତି। ସେହିପରି ବିଜେପି ଶାସିତ ମଧ୍ୟପ୍ରଦେଶରେ କଂଗ୍ରେସର ବଡ ବିଜୟ। ରାଜ୍ୟର ଦତିଆ ଉପ ନିର୍ବାଚନରେ ବାଜି ମାରି ନେଇଛି କଂଗ୍ରେସ। ଦତିଆ ଉପ ନିର୍ବାଚନରେ କଂଗ୍ରେସର ଘନଶ୍ୟାମ ସିଂହ ସବୁ ଆକଳନକୁ ଭୁଲ ସାବ୍ୟସ୍ତ କରି ବିଜେପିର ଆଶୁତୋଷ ତିୱାରୀଙ୍କୁ ହରାଇ ଦେଇଛନ୍ତି। ମାତ୍ର ୬,୦୧୬ ଖଣ୍ଡ ଭୋଟରେ ଘନଶ୍ୟାମ ଦତିଆରୁ ବିଜୟୀ ହୋଇଛନ୍ତି। ଏହି ରେଜଲ୍ଟ କଂଗ୍ରେସକୁ ମଧ୍ୟ ରାଜ୍ୟରେ ବଳ ଦେଇଛି।

ମଧ୍ୟପ୍ରଦେଶରେ କଂଗ୍ରେସର ଘନଶ୍ୟାମ ସିଂହ ୬୬,୭୫୭ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପିର ଆଶୁତୋଷ ତିୱାରୀ ୫୭,୨୭୭ ଖଣ୍ଡ ଭୋଟ ପାଇଛନ୍ତି। ଅର୍ଥାତ ଶ୍ରୀ ସିଂହ ୬,୦୧୬ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ଉପ ନିର୍ବାଚନ ବିଜୟ ପରେ କଂଗ୍ରେସ କର୍ମୀମାନେ



ଭୋପାଳ ମୁଖ୍ୟାଳୟରେ ଉତ୍ସବ ପାଳନ କରିଛନ୍ତି। ବିଜେପି ଠାରୁ କ୍ରମାଗତ ହାରୁଥିବା କଂଗ୍ରେସକୁ ଏହି ବିଜୟ କିଛିଟା ଆଶ୍ୱସ୍ତି ଦେଇଛି। ମୁଖ୍ୟାଳୟରେ ଦୀର୍ଘଦିନ ପରେ କଂଗ୍ରେସ କର୍ମୀମାନେ ଡ୍ୟାନ୍ସ କରିବା ସହ ଢୋଲ ବଜାଇଛନ୍ତି। ୨୦୨୩ ମଧ୍ୟପ୍ରଦେଶର ଦତିଆରେ ନିର୍ବାଚନ ହାରିଥିବା ଡକ୍ଟର ନରୋତ୍ତମ ମିଶ୍ରା ଏଠାରୁ ପୁଣି ଲଢ଼ିବାକୁ ଗୋଡ ଟେକି ବସିଥିଲେ। ୪ ମାସ ହେଲା ସେ ପ୍ରଚାର କାମରେ ମଧ୍ୟ ଲାଗି ପଡିଥିଲେ। ସେ ଦତିଆ ଗସ୍ତ କରି କର୍ମୀମାନଙ୍କୁ ଭେଟିଥିଲେ।

ଗଡ ବଞ୍ଚାଇବାରେ ବିଜେପି ଫେଲ। କାମ ଦେଲାନି କୌଣସି ରଣନୀତି। ଶେଷରେ ବିହାରର ବାଙ୍କିପୁରରେ ମାଟି କାମୁଡିଛି ଶାସକ ଦଳ। ନିଜର ୩୦ ବର୍ଷ ପୁରୁଣା ଗଡକୁ ବଞ୍ଚାଇବାକୁ ବିଜେପି ପ୍ରାଣ ମୂର୍ଚ୍ଛା ଉଦ୍ୟମ କଲା। ଦଳର ହେଭିୱେଟ ଆସି ପ୍ରଚାର କଲେ। ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏକାଧିକ ମନ୍ଦିର ଯାଇ ଧର୍ମ କାର୍ଡ ଖେଳିଲେ। ଭୋଟରଙ୍କୁ ଆକୃଷ୍ଟ କରିବାକୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତୀନ ନବୀନ ନିଜେ ନିଜ ଗଡରେ ପ୍ରଚାର କଲେ। ତଥାପି ଏସବୁ ପ୍ରଥମଥର ନିର୍ବାଚନ ଲଢୁଥିବା ପ୍ରଶାନ୍ତ କିଶୋରଙ୍କ ଆଗରେ ଫିକା ପଡି ଯାଇଛି। ନିର୍ବାଚନ ରଣନୀତିଜ୍ଞରୁ ରାଜନେତା ବନିଥିବା ପ୍ରଶାନ୍ତ କିଶୋର ଓରଫ ପିକେ ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ସେ ବାଙ୍କିପୁର ଉପ ନିର୍ବାଚନରେ ବିଜେପିର ନୀରଜ କୁମାରଙ୍କୁ ୧୮,୯୫୩ ଖଣ୍ଡ ଭୋଟରେ ହରାଇ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ପିକେ ବିଜେପିର ଗଡରେ ପଦ୍ମକୁ ଭୁଶୁଡାଇବାକୁ ସକ୍ଷମ ହୋଇପାରିଛନ୍ତି। ୧୯୯୫ରୁ ଏହି ଆସନକୁ ବିଜେପି ଜିତି ଆସୁଥିଲା। ପ୍ରଥମେ ଏହା ପାଟନା ୱେଷ୍ଟ ନିର୍ବାଚନ ମଣ୍ଡଳୀରେ ରହିଥିଲା। ୧୯୯୫ରୁ ନୀତୀନ ନବୀନଙ୍କ ବାପା ନବୀନ କିଶୋର ପ୍ରସାଦ ସିହ୍ନା ଏଠାରୁ ଜିତି ଆସୁଥିଲେ। ୨୦୦୫ ନିର୍ବାଚନ ଜିତିବାର ଗୋଟିଏ ବର୍ଷ ପରେ ତାଙ୍କର ଦେହାନ୍ତ ହୋଇଥିଲା। ୨୦୦୬ ଉପ ନିର୍ବାଚନରେ ନୀତୀନ ନବୀନ ଏଠାରେ ପ୍ରଥମ ଜିତିଥିଲେ।କିନ୍ତୁ ୨୦୦୮ ସୀମା ନିର୍ଦ୍ଧାରଣ ପରେ ଏହା ବାଙ୍କିପୁର ନିର୍ବାଚନ ମଣ୍ଡଳୀ ହୋଇ ଯାଇଥିଲା। ତଥାପି ନୀତୀନ ନବୀନ ୨୦୧୦ରୁ ଏଠାରେ ଜିତି ଆସୁଥିଲେ। କିନ୍ତୁ ଚଳିତ ବର୍ଷ ଏପ୍ରିଲରେ ସେ ରାଜ୍ୟସଭାକୁ ଯିବାରୁ ବାଙ୍କିପୁରରେ ଉପ ନିର୍ବାଚନ ହୋଇଥିଲା। ଆଉ ବିଜେପି ୩୦ ବର୍ଷ ପରେ ବାଙ୍କିପୁର ଆସନ ଜଣେ ଡେବ୍ୟୁଟାଣ୍ଟ ପାଖରେ ହରାଇଛି। ଅନ୍ୟପକ୍ଷରେ ଗୁଜରାଟରେ ବିଜେପି ପ୍ରାର୍ଥୀ ୩୦୬୩୦ ଖଣ୍ଡ ଭୋଟରେ କଂଗ୍ରେସ ପ୍ରାର୍ଥୀଙ୍କୁ ହରାଇଛନ୍ତି।

# ପେପର ଲିକ୍ ଘଟଣାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର,୩।୮: ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜର ପିଜି ଶେଷ ବର୍ଷ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ତଦନ୍ତ କରିବ କ୍ରାଇମବ୍ରାଞ୍ଚ । ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି ।

କ୍ରାଇମବ୍ରାଞ୍ଚ ଡିଜିଙ୍କ ସୂଚନା ଅନୁଯାୟୀ ଏହି ମାମଲାର ତଦନ୍ତ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ । ପ୍ରଶ୍ନପତ୍ର ଲିକ୍ କିମ୍ବା ଭାଇରାଲ ହେବା ପଛରେ କେଉଁମାନଙ୍କ ହାତ ରହିଛି ଏବଂ ଏହା କେଉଁଠାରୁ ଆରମ୍ଭ ହୋଇଥିଲା ସେନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ବର୍ତ୍ତମାନ ଘଟଣାର ପ୍ରାଥମିକ ପର୍ଯ୍ୟାୟରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ଓ ଖୋଳତାଡ଼ ଜାରି ରହିଛି। ଘଟଣାର ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସୂଚନା ଥାଉ କି ଗତ ଜୁଲାଇ ୨୧ ତାରିଖରୁ ଏମକେସିଜି ମେଡିକାଲ କଲେଜରେ ପିଜି ଶେଷ ବର୍ଷ ପରୀକ୍ଷା ଆରମ୍ଭ ହୋଇଥିଲା । ତେବେ ପରୀକ୍ଷା ଚାଲିଥିବା ବେଳେ ଜୁଲାଇ ୨୭ ତାରିଖରେ ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏହି ଖବର ଜଣାପଡ଼ିବା ପରେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଚର୍ଚ୍ଚାର ବିଷୟ ପାଲଟିଥିଲା । ପ୍ରଶ୍ନପତ୍ର ଭାଇରାଲ ହେବା ପରେ ଏମକେସିଜି କୁଳପତି ଘଟଣାକୁ ଗୁରୁତର ସହ ନେଇଥିଲେ। ତୁରନ୍ତ ଘଟଣାର ତଦନ୍ତ ପାଇଁ ଏକ ଆଭ୍ୟନ୍ତରୀଣ ଟିମ୍ ଗଠନ କରାଯାଇଥିଲା ।

ତେବେ ଏହି ମାମଲାଟି ଅଧିକ ସଙ୍ଗୀନ ଏବଂ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଏହାର ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ଦିଆଯାଇଛି । କ୍ରାଇମବ୍ରାଞ୍ଚ ଏହି ମାମଲାକୁ ହାତକୁ ନେବା ପରେ ପ୍ରଶ୍ନପତ୍ର କିପରି ବାହାରକୁ ଆସିଲା ଏବଂ ଏଥିରେ କଲେଜର କୌଣସି କର୍ମଚାରୀ କିମ୍ବା ବାହାର ସଂସ୍ଥାର ସମ୍ପୃକ୍ତି ରହିଛି କି ନାହିଁ ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବ ।

## ଡାହୁକ



-ବିଧୁ



# ବାବା ଶ୍ରୀ ଶ୍ରୀ ପରମେଶ୍ୱର ମନ୍ଦିରରେ କାବାଡ଼ିଆ ଶିବ ଭକ୍ତମାନଙ୍କ ବ୍ୟାପକ ଭିଡ଼

ପାଟଣା, ୩।୮ :(ମନ୍ଥନ) ଶ୍ରାବଣ ମାସର ପ୍ରଥମ ସୋମବାର ପରି ଆଜି ଦ୍ୱିତୀୟ ସୋମବାରରେ ମଧ ମହାଦେବଙ୍କୁ ଜଳାଭିଷେକ କରିବା ପାଇଁ ସ୍ୱାମପାଟଣା ସ୍ଥିତ ମାଁ ଆଦିଗଙ୍ଗା ବୈତରଣୀ ନଦୀ ତଟରେ ନିର୍ମିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ବାବା ପରମେଶ୍ୱର ମନ୍ଦିରରେ ଭକ୍ତମାନଙ୍କର ଭିଡ଼ ଦେଖିବାକୁ ମିଳିଛି । କେନ୍ଦୁଝର ଜିଲ୍ଲାର ପ୍ରସିଦ୍ଧ ଘଟଗାଁ ତାରିଣୀ ମନ୍ଦିର ପରେ ଏହି ପୀଠ ଆସ୍ଥାର ଅନ୍ୟତମ କେନ୍ଦ୍ରବିନ୍ଦୁ ଭାବେ ପରିଚିତ ଏହି ମନ୍ଦିରରେ ଭୋର ୫ଟା ସମୟ ମଙ୍ଗଳ ଆଳତୀ ଓ ୫.୩୦ରେ ଜଳାଭିଷେକ ଆରମ୍ଭ ହୋଇଥିଲା । ମୁଖ୍ୟ ପୂଜକ ଧର୍ମାନନ୍ଦ ମିଶ୍ର, ସ୍ମୃତିରଞ୍ଜନ ରଥ, ସୁଜିତ ଦାଶ ଓ ଅନ୍ୟ ସହଯୋଗୀ ପୂଜକମାନେ ୧୬ ଉପଚାରରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ୧-ସୋମନାଥ ୨-ମଲ୍ଲିକାର୍ଜୁନ ୩- ମହାକାଳେଶ୍ୱର ୪-ଓଁ କାଳେଶ୍ୱର ୫-କେଦାରନାଥ ୬-ଭୀମ ଶଙ୍କର ୭-ବିଶ୍ୱନାଥ ୮-ତ୍ରୀୟ ମୁକେଶ୍ୱର ୯-ବୈଦ୍ୟନାଥ ୧୦-ନାଗେଶ୍ୱର ୧୧-ରାମେଶ୍ୱର ୧୨-ଘୁଷ୍ମେଶ୍ୱର ମହାଦେବ,



ମହାପ୍ରଭୁ ଜଗନ୍ନାଥ, ବୋଲଭଦ୍ର, ଶୁଭଦ୍ରା, ସୁଦର୍ଶନ ମହାରାଜ, ମା ତାରିଣୀ, ମା ମଙ୍ଗଳା,ଶ୍ରୀ ଲକ୍ଷ୍ମୀ , ପ୍ରଭୁ ସଂକଟ ମୋଚନ ହନୁମାନ, ବରଦା ଗଣେଷ,ସୂର୍ଯ୍ୟାଦି ନବଗ୍ରହ ସହ ଅନ୍ୟାନ୍ୟ ଦେବଦେବୀଙ୍କ ପୂଜାଅର୍ଚ୍ଚନା କରିଥିଲେ । ପ୍ରାୟ ୨୦ ହଜାରରୁ ଅଧିକ ଶିବଭକ୍ତ କେନ୍ଦୁଝର ସହିତ ଛତିଶଗଡ଼, ପଶ୍ଚିମବଙ୍ଗ ଓ ଝାରଖଣ୍ଡରୁ ଆସି ଜଳାଭିଷେକ କରିଥିବା ଦେଖିବାକୁ ମିଳିଥିଲା । ଅନୁସୟା ତୀର୍ଥ ବୈତରଣୀ ଘାଟରୁ ପବିତ୍ର ଜଳ ଆଣି ମହାଦେବଙ୍କୁ ଅର୍ପଣ କରିବାର ପୌରାଣିକ ମାନ୍ୟତା ଅନୁଯାୟୀ ଭକ୍ତମାନେ ନିଜର ମନସ୍କାମନା ପୂରଣ ପାଇଁ ପୂଜା କରିଥିଲେ । ମନ୍ଦିର ପ୍ରାଙ୍ଗଣରେ ସ୍ଥାପିତ ସାଢେ ୭ ଟନ ଓଜନର ମୁଗୁନି ପଥରର ବୃଷଭ ନନ୍ଦୀ ଭକ୍ତମାନଙ୍କ ପାଇଁ ବିଶେଷ ଆକର୍ଷଣ ହୋଇଥିଲା । ଟ୍ରଷ୍ଟ ବୋର୍ଡର ମୁଖ୍ୟ ଟ୍ରଷ୍ଟି ଶ୍ରୀମନ୍ତ କୁମାର ତ୍ରିପାଠୀ ଙ୍କ ନିର୍ଦ୍ଦେଶ ଅନୁଯାଇ ଭକ୍ତମାନଙ୍କ ସୁବିଧା ପାଇଁ ସୁରକ୍ଷା କର୍ମୀ ଓ ସ୍ୱେଚ୍ଛାସେବୀମାନେ ସୁଚାରୁ ବ୍ୟବସ୍ଥା ତୁଲାଇଥିଲେ । ପାଟଣା ପୁଲିସ ପକ୍ଷରୁ ଆଇନ-ଶୃଙ୍ଖଳା ନିୟନ୍ତ୍ରଣ ରହିଥିଲା ଏବଂ ମନ୍ଦିର ପ୍ରଶାସନ ତରଫରୁ ପ୍ରସାଦ ଓ ଭୋଜନ ବ୍ୟବସ୍ଥା ମଧ କରାଯାଇଥିଲା ।

# ବିପନ୍ନ ଲୋକଙ୍କୁ ସିପିଏମ୍ ପକ୍ଷରୁ ରିଲିଫ ବଣ୍ଟନ

ଜଳେଶ୍ୱର,,୩।୮ :(ମନ୍ଥନ) ପ୍ରବଳ ବର୍ଷା ଲୋକଙ୍କୁ ଅସ୍ତବ୍ୟସ୍ତ କରିଦେଇଥିବା ବେଳେ ଜଳେଶ୍ୱର ବ୍ଲକର ବିଭିନ୍ନ ଅଞ୍ଚଳରେ ଅଭୁତ ପୂର୍ବ କ୍ଷୟକ୍ଷତି ହୋଇଛି। ବିଶେଷ କରି ଧାନ ତଳି ପଚିଯାଇଥିବା ବେଳେ ପନିପରିବା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।ଅନେକ ଲୋକ ଘର ଛାଡି ସ୍କୁଲ ଘରେ ଆଶ୍ରୟ ନେଇଛନ୍ତି।ଆଜକୁ ସାତ ଦିନ ବିତିଯାଇଥିଲେ ମଧ ସରକାର କିମ୍ବା ପ୍ରଶାସନ ବିପନ୍ନ ଲୋକଙ୍କ ନିକଟରେ ପହଞ୍ଚି ପାରିଲା ନାହିଁ କି ଶୁଖିଲା ଖାଦ୍ୟ ବଣ୍ଟନ ହେଲା ନାହିଁ ବୋଲି ଭାରତର କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ) ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ଅଭିଯୋଗ କରାଯିବା ସହିତ ଦଳ ତରଫରୁ ସୁଗୋ ପଞ୍ଚାୟତ ଅନ୍ତର୍ଗତ ବାଣିଆ ଗ୍ରାମର ବିପନ୍ନ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଏହି ଗ୍ରାମର ଶତାଧିକ ଘରେ ବର୍ଷା ପାଣି ପଶିଯିବା ଫଳରେ ସେମାନେ ସ୍କୁଲ ଘରେ ଆଶ୍ରୟ ନେବାକୁ ବାଧ ହୋଇଛନ୍ତି। ସରକାର ତୁରନ୍ତ ରିଲିଫ ତଥା ପଲିଥିନ୍ ବଣ୍ଟନ କରନ୍ତୁ ବୋଲି ସିପିଏମ ପକ୍ଷରୁ ଦାବୀ କରାଯାଇଛି।ଏଥି ସହିତ ଦଳ ତରଫରୁ ଏକ ପ୍ରତିନିଧି ଦଳ ବିଭିନ୍ନ ଅଞ୍ଚଳ ପରିଦର୍ଶନ କଲାପରେ କୁହାଯାଇଛି ସମତିଆ, ସୁଗୋ, ପଶ୍ଚିମ ବାଡ଼, ଗୋପୀ ମୋହନ ପୁର,ରାଜପୁର, ଲକ୍ଷ୍ମଣନାଥ , ଶ୍ରୀରାମପୁର, ଦକ୍ଷିଣ ଶ୍ରୀରାଜପୁର,ବରଡିହା,କାଳିକ ଆଦି ପଞ୍ଚାୟତର ବହୁଗ୍ରାମ ଏବେବି ପାଣିଘେରରେ ରହିଛି।

# ଭାଙ୍ଗିଲା ଧାମନଗର-ନଦିଗାଁ ଆର୍‌ଡିରାସ୍ତା,ଚଳାଚଳ ଠପ୍



ଧାମନଗ.୩।୮ :(ମନ୍ଥନ) ଧାମନଗର ବ୍ଲକ ବିଭିନ୍ନ ସ୍ଥାନରେ ବନ୍ୟାର ପ୍ରବଳ ସ୍ରୋତରେ ଧାମନଗର-ନଦୀଗାଁ ଆର୍.ଡି. ମୁଖ୍ୟ ରାସ୍ତା ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇ ଅନେକ ସ୍ଥାନରେ ଭାଙ୍ଗିଯାଇଛି। ବନ୍ୟା ପାଣି କମିଯାଇଥିଲେ ମଧ ରାସ୍ତାର ଅବସ୍ଥା ଅତ୍ୟନ୍ତ ଖରାପ ଥିବାରୁ କୌଣସି ଛୋଟ କିମ୍ବା ବଡ଼ ଯାନବାହନ ଚଳାଚଳ କରିପାରୁନାହିଁ। ଏହାଫଳରେ ସ୍ଥାନୀୟ ଲୋକଙ୍କ ଦୈନନ୍ଦିନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବଜାର,ହସ୍ପିଟାଲ,ସ୍କୁଲ ଓ ବିଭିନ୍ନ ଜରୁରୀ କାମ ପାଇଁ ଯାତାୟାତରେ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ବାସିନ୍ଦାମାନେ ଯଥାଶୀଘ୍ର ରାସ୍ତାର ମରାମତି କରି ଯାତାୟାତ ସ୍ୱାଭାବିକ କରିବାକୁ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି। ବନ୍ୟା ଚାଲିଯାଇଥିଲେ ମଧ ଏହାର କ୍ଷତଚିହ୍ନ ଏବେ ବି ସ୍ପଷ୍ଟ ଦେଖିବାକୁ ମିଳୁଛି। ରାସ୍ତା ଭାଙ୍ଗିଯିବା ଯୋଗୁଁ ସମଗ୍ର ଅଞ୍ଚଳର ଜନଜୀବନ ଗଭୀର ଭାବେ ପ୍ରଭାବିତ ହୋଇଛି। ବନ୍ୟାରେ କ୍ଷେତି ହୋଇଥିବା ରାସ୍ତା ଘାଟର କାର୍ଯ୍ୟ ଓ ମରାମତି ଯଥାଶୀଘ୍ର କରିବା ପାଇଁ ସାଧାରଣରେ ମତପ୍ରକାଶ କରିଛନ୍ତି।ଧାମନଗର ରେ ବନ୍ୟା କମିଯାଇଛି ହେଲେ ଚାଷୀଙ୍କ ଦୁଃଖ ବଢ଼ିବାରେ ଲାଗିଛି। ଲଗାଣ ବର୍ଷା ପ୍ରଭାବରେ ଚାଷ ଜମି ଗୁଡ଼ିକ ଉପରେ ଏପରିକି ୪ରୁ୫ଫୁଟ ଉପରେ ବର୍ଷା ଓ ବନ୍ୟା ପାଣି ଜମି ରହିବା ଫଳରେ ଧାନଚାଷୀଙ୍କ ଚାଷ ଜମିରେ ଧାନ ତଳି,ରୁଆ ପୋତା ଧାନ ସହିତ ପନିପରିବା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଛି। ଚାଷୀଙ୍କ ମୁଖ୍ୟତଃ ଧାନ ଚାଷ ସହିତ ବର୍ଷସାରା ବିଭିନ୍ନ ପନିପରିବା ଚାଷ ଉପରେ ନିର୍ଭର କରିଥାନ୍ତି ସବୁକିଛି ହରାଇବା ପରେ ଏବେ ଚାଷୀମାନେ ଚିନ୍ତାରେ। ତେଣୁ ଜିଲ୍ଲା ଓ ବ୍ଲକ ପ୍ରଶାସନ ନିରପେକ୍ଷ ତଦନ୍ତ ସହ କ୍ଷୟକ୍ଷତିର ଆକଳନ କରି କ୍ଷତି ପୂରଣ ପ୍ରଦାନ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

# ଅସ୍ତରଙ୍ଗ ପ୍ରେସ କ୍ଲବର ରାଜ୍ୟସ୍ତରୀୟ ୧୦ମ ବାର୍ଷିକ ଉତ୍ସବ ପାଇଁ ଶେଷ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ

ଅସ୍ତରଙ୍ଗ, ୩।୮ :(ମନ୍ଥନ) ଅସ୍ତରଙ୍ଗ ପ୍ରେସ କ୍ଲବର ରାଜ୍ୟସ୍ତରୀୟ ୧୦ମ ବାର୍ଷିକ ଉତ୍ସବକୁ ସଫଳ ଓ ସ୍ମରଣୀୟ କରିବା ଲକ୍ଷ୍ୟରେ ଗତକାଲି ଶେଷ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉତ୍ସବର ସମସ୍ତ କାର୍ଯ୍ୟକ୍ରମ, ଅତିଥି ଅଭ୍ୟର୍ଥନା, ସମ୍ମାନ ପ୍ରଦାନ, ସାଂସ୍କୃତିକ ପରିବେଷଣ ଏବଂ ସାମଗ୍ରିକ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଦାୟିତ୍ୱ ବଣ୍ଟନ କରାଯାଇଥିଲା।ଏହି ବୈଠକରେ ଅସ୍ତରଙ୍ଗ ପ୍ରେସ କ୍ଲବର ସଭାପତି ଶରତ କୁମାର ପରିଡ଼ାଙ୍କ ସମେତ ଉପସଭାନେତ୍ରୀ ମମତା ଜେନା, ସାଧାରଣ ସମ୍ପାଦକ ବୃନ୍ଦାବନ ବିଶ୍ୱାଳ, ସାଂସ୍କୃତିକ ସମ୍ପାଦକ ଅନିଲ କୁମାର ବାରିକ, ସହ ସମ୍ପାଦକ ତ୍ରିଲୋଚନ ବେହେରା,



କୋଷାଧ୍ୟକ୍ଷ ପ୍ରିୟବ୍ରତ ମୁଦୁଲି, ବରିଷ୍ଠ ସଦସ୍ୟ ପ୍ରଶାନ୍ତ ଜେନା, ଦେବବ୍ରତ ବିଶ୍ୱାଳ ଓ କ୍ଲବର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲା ଓ କ୍ଷେତ୍ରରୁ ସାମାଜିକ ସେବା, ଶିକ୍ଷା, ସାହିତ୍ୟ, ସାମ୍ବାଦିକତା, କଳା, ସଂସ୍କୃତି, ଚିକିତ୍ସା, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ୫୦ରୁ ଅଧିକ ବିଶିଷ୍ଟ ବ୍ୟକ୍ତିଙ୍କୁ 'କଳିଙ୍ଗ ରତ୍ନ ସମ୍ମାନ ୨୦୨୬' ରେ ସମ୍ମାନିତ କରାଯିବ ବୋଲି ସ୍ଥିର କରାଯାଇଛି।ଅସ୍ତରଙ୍ଗ ପ୍ରେସ କ୍ଲବର ସଭାପତି ଶରତ କୁମାର ପରିଡା କହିଛନ୍ତି ଯେ, ଏହି ରାଜ୍ୟସ୍ତରୀୟ ଉତ୍ସବରେ ଓଡ଼ିଶାର ବହୁ ମନଗଣ୍ୟ ତଥା ବିଶିଷ୍ଟ ବ୍ୟକ୍ତିବିଶେଷ ଅତିଥି ଭାବେ ଯୋଗଦେବେ। ଉତ୍ସବକୁ ଭବ୍ୟ ଓ ସଫଳ କରିବା ପାଇଁ କ୍ଲବର ସମସ୍ତ ସଦସ୍ୟ ମିଳିତ ଭାବେ କାର୍ଯ୍ୟ କରୁଥିବା ସେ ପ୍ରକାଶ କରିଛନ୍ତି।

# ବେଣାଗାଡିଆ ଠାରୁ ତେନ୍ତୁଳିଆପଲ୍ଲୀ ରାସ୍ତା ଶୋଚନୀୟ

ଖଣ୍ଡପଡା, ୩।୮ :(ମନ୍ଥନ)ଖଣ୍ଡପଡା ବ୍ଲକ ବେଣାଗାଡିଆ ପଞ୍ଚାୟତ ଅଫିସକୁ ଥିବା ରାସ୍ତା ଏବେଶୋଚନୀୟ ହୋଇପଡିଛି। ଫଳରେ ସାମାନ୍ୟ ବର୍ଷାରେ ମଧ ଲୋକେ ଯାତାୟତ କରିବାରେ ହନ୍ତସନ୍ତହେଉଥିବା ନେଇ ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ବେଣାଗାଡିଆ ବଜାରରେ ଥିବା ପୂର୍ତ୍ତବିଭାଗମୁଖ୍ୟ ରାସ୍ତାରୁ ସ୍ଥାନୀୟ ପଞ୍ଚାୟତକୁ ସଂଯୋଗ କରୁଥିବା ପ୍ରାୟ ୮ ଶହ ମିଟର ରାସ୍ତାରେ ଏବେ ପାଣିଜମିବା ସହିତ ନାନା ସମସ୍ୟା ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କକହିବା ମୁତାବକ ଉକ୍ତ ରାସ୍ତାଟି ଦୀର୍ଘବର୍ଷ ଧରି ଅବହେଳିତ ଅବସ୍ଥାରେ ରହିଥିବା ବେଳେ ସାମାନ୍ୟବର୍ଷାରେ ମଧ ମାସ ମାସ ଧରି ବର୍ଷାଜଳ ଜମିରହୁଛି। ଗତ କିଛିଦିନ ହେବ ଲଗାଣ ବର୍ଷା ଯୋଗୁଁସଂପୂର୍ଣ୍ଣ ରାସ୍ତାରେ ପାଣି ଜମି ରହିଥିବା ବେଳେ ରାସ୍ତା ଦେଇ ଯାଉଥିବା ଛାତ୍ରଛାତ୍ରୀ ଓ ପଥଚାରୀଦହଗଞ୍ଜ ହେଲେଣି। ଡ୍ରେନେଜ ବ୍ୟବସ୍ଥା ନଥିବାରୁ ବର୍ଷା ଜଳ ନିଷ୍କାସନ ନ ହେବା ଯୋଗୁଁଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ବସବାସ



କରୁଥିବାଲୋକେ ନାନା ସମସ୍ୟାରେ ପଡୁଛନ୍ତି। ତେନ୍ତୁଳିଆପଲ୍ଲୀକୁ ସଂଯୋଗ କରୁଥିବା ଉକ୍ତ ରାସ୍ତାର ଶେଷଗପାର୍ଶ୍ୱରେ ପଞ୍ଚାୟତ ଅଫିସ, ସାତଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ, ପୋଷ୍ଟଅଫିସ, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରହିଛି। ପ୍ରତିଦିନ ଶହ ଶହ ବାସିନ୍ଦା ରାସ୍ତା ଦେଇ ଉକ୍ତସରକାରୀ ଅନୁଷ୍ଠାନକୁ ଯାତାୟତ କରୁଥିବା ବେଳେ ସମସ୍ୟା ଭୋଗୁଥିବା ନେଇ କୁହନ୍ତି। ଗତ କିଛି ବର୍ଷ ଧରିଅଭିଯୋଗ ହୋଇଆସୁଥିଲେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉନଥିବା କ୍ଷୋଭର ସହିତ କୁହନ୍ତି।ଖାଲିସେତିକି ନୁହେଁ ପଞ୍ଚାୟତ ଅଧୀନ ତେନ୍ତୁଳିଆପଲ୍ଲୀ, ମୁରାରିପୁର, ପଥରଦ୍ୱାରକୁ ଯାଉଥିବା ଲୋକେହନ୍ତସନ୍ତ ହେଉଥିବା ମଧ ଦେଖିବାକୁ ମିଳିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସଂପୂର୍ଣ୍ଣ ରାସ୍ତାକୁମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ସାମିଲ କରି ଡ୍ରେନ ଓ ରାସ୍ତା ନିର୍ମାଣ କରିବାକୁ ଦାବି ହୋଇଛି।

# କଂଗ୍ରେସ ସମୀକ୍ଷା ବୈଠକ

ଗୋପ/ନିମାପଡ଼ା,୩।୮ :(ମନ୍ଥନ)ନିମାପଡ଼ା ବ୍ଲକ ଅନ୍ତର୍ଗତ ଭାଣପୁର ସ୍ଥିତ ଏକ କଲ୍ୟାଣ ମଣ୍ଡପ ନିମାପଡ଼ା ବ୍ଲକର କଂଗ୍ରେସ ସଭାପତି କାଳନ୍ଦୀ ଚରଣ ବାରିକ ଙ୍କ ସଭାପତିତ୍ୱରେ ୫.ଓ.ଜ. ର ଏକ ଗୁରୁତ୍ୱପୁର୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପିସିସି ପର୍ଯ୍ୟବେକ୍ଷକ ଚିନ୍ମୟ ସୁନ୍ଦର ଦାଶ ଓ ନିମାପଡ଼ା କଂଗ୍ରେସର ପ୍ରିୟ ନେତା ସତ୍ୟବ୍ରତ ପାତ୍ର,(ରମୁ ଭାଇ)ଙ୍କ ଉପସ୍ଥିତିରେ ଆଜି ସମସ୍ତ ବିଏଲଓ -୨ ଏବଂ ଜିଲ୍ଲା କଂଗ୍ରେସ ର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ଏକ ସମୀକ୍ଷା ବୈଠକ ସଫଳତାର ସହ ଶେଷ ହୋଇଛି। ନିମାପଡ଼ା ବ୍ଲକର ବୁଥ୍ ସ୍ତରକୁ ଆହୁରି ସୁଦୃଢ଼ ଓ ସକ୍ରିୟ କରିବା ସହିତ ସଠିକ ଭୋଟର ଯେପରି



ନକଟିବେ ସେଥିପାଇଁ ପାଇଁ ଏହି ବୈଠକରେ ବ୍ୟାପକ ଆଲୋଚନା ଓ ରଣନୀତି ପ୍ରସ୍ତୁତ କରାଗଲା। ଉକ୍ତ ବୈଠକରେ ପୁରୀ ଜିଲ୍ଲା ଦଳିତ ସେଲ୍ ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ ପୁରୀ ଜିଲ୍ଲା କଂଗ୍ରେସ କମିଟି ଉପ ସଭାପତି ଅସିତ୍ ମହାନ୍ତି , ପୁରୀ ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସମୀର ସାମନ୍ତରାୟ, ନରେନ୍ଦ୍ର ବେହେର, ଦେବେନ୍ଦ୍ର ପ୍ରଧାନ , ନିଶିକାନ୍ତ ସ୍ୱାଇଁ, ଜୟନ୍ତ ପଣ୍ଡା, ନବଘନ ମଲ୍ଲିକ ଶତାଧିକ କଂଗ୍ରେସ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ପୂର୍ତ୍ତବିଭାଗ ରାସ୍ତାରେ ଅସୁରକ୍ଷିତ ସେତୁ,ମରାମତି ନିମନ୍ତେ ଦାବି

ଖଣ୍ଡପଡା, ୩।୮ :(ମନ୍ଥନ)ଖଣ୍ଡପଡା ସହରାଞ୍ଚଳରୁ ଖଳିସାହି ସଂଯୋଗ ରାସ୍ତାରେ ଥିବା ସୁନାମୁହିଁ ସେତୁ ଏବେ ଅସୁରକ୍ଷିତ ଅବସ୍ଥାରେ ଥିବା ନେଇ ଦେଖିବାକୁ ମିଳିଛି। ଫଳରେ ରାସ୍ତା ଦେଇ ଯାଉଥିବା ଯାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ସହରାଞ୍ଚଳ ଅଧୀନ ଘରୋଇ ବସଷ୍ଟାଣ୍ଡ ନିକଟରେ ଥିବା ସୁନାମୁହିଁ ସେତୁ ଏବେ ବିପଦଶଙ୍କୁଳ ଅବସ୍ଥାରେ ରହିଛି। ସେତୁ ସଂଲଗ୍ନ ଲୁହାର ସୁରକ୍ଷା ବାଡ ଭାଙ୍ଗିରୁଜି ଯାଇଥିବା ବେଳେ କେବଳ ସିମେଣ୍ଟ ବାଡ ରହିଥିବା ଦେଖିବାକୁ ମିଳିଛି। ଫଳରେ କିଛି ଅଘଟଣ



ଘଟିଲେ ପ୍ରାୟ ୧୫ ଫୁଟ ସେତୁ ତଳକୁ ଖସିପଡିବା ଭଳି ସ୍ଥିତି ଉପୁଜିଛି। ବିଭିନ୍ନ ସମୟରେ ରାସ୍ତା ସଂପ୍ରସାରଣ ହେଉଥିବା ବେଳେ କିନ୍ତୁ ସେତୁର ମରାମତି ଦିଗରେ ପଦକ୍ଷେପ ନିଆଯାଉନଥିବା ସ୍ଥାନୀୟ ବାସିନ୍ଦା କୁହନ୍ତି। ସମାନ ସ୍ଥିତି ବାଇପାସ ରାସ୍ତାରେ ଥିବା ସେତୁରେ ମଧ ଦେଖିବାକୁ ମିଳିଛି। ନୟାଗଡ ଜିଲ୍ଲା ପ୍ରଶାସନ ଓ ପୂର୍ତ୍ତବିଭାଗ ପକ୍ଷରୁ ଏହାର ମରାମତି ଦିଗରେ ପଦକ୍ଷେପ ନେବାକୁ ସହରାଞ୍ଚଳ ବାସିନ୍ଦା ଦାବି କରିଛନ୍ତି।

# ଏବିଭିପିର ଦ୍ୱିଦିବସୀୟ ଜିଲ୍ଲା ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ

ବୁଗୁଡ଼ା,୩।୮ :(ମନ୍ଥନ) ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ,ଘୁମୁସର ଜିଲ୍ଲା ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଦ୍ୱିଦିବସୀୟ ଜିଲ୍ଲା ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ପିପୁଲ୍ସ କଲେଜ ଅଧାପକ ଅକ୍ଷୟ କୁମାର ସାହୁ, ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋପାଳ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ବଳଦେବଜୀଉ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧପକ ବିଭୁତି ଭୂଷଣ ମିଶ୍ର ଯୋଗ ଦେଇ ରାଷ୍ଟ୍ର ନିର୍ମାଣରେ ଛାତ୍ର ସଂଗଠନ ଏବଂ ଯୁବସମାଜର ଭୂମିକା ସମ୍ପର୍କେ ଆଲୋକପାତ କରିଥିଲେ। ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରୁଦ୍ର ପ୍ରସାଦ ସେଠୀ, ଜିଲ୍ଲା ପ୍ରମୁଖ ସୁଜିତ୍ କୁମାର ସ୍ୱାଇଁ ଏବଂ ଜିଲ୍ଲା ସଂଯୋଜକ



ସଂଗ୍ରାମ ଦାସ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ଏହି ଦ୍ୱିଦିବସୀୟ ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମରେ ଓଡିଶା ପୂର୍ବ-ପ୍ରାନ୍ତ ସଙ୍ଗଠନ ସମ୍ପାଦକ ବୁଦ୍ଧଦେବ ବାଘ୍ ଯୋଗ ଦେଇ ପ୍ରାନ୍ତୀୟ ଏବଂ ଜିଲ୍ଲା ସ୍ତରୀୟ ସଙ୍ଗଠନାତ୍ମକ ବିଷୟବସ୍ତୁ ଉପସ୍ଥାପନ ପୂର୍ବକ କାର୍ଯ୍ୟକର୍ତ୍ତାଗଣଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଅଗଷ୍ଟ ପହିଲାରୁ ଆୟୋଜିତ ଏହି ଦୁଇ ଦିନିଆ ଅଭ୍ୟାସ ବର୍ଗରେ ଘୁମୁସର ଜିଲ୍ଲାର ବିଭିନ୍ନ ସ୍ଥାନରୁ ୭୦ ଜଣ ପ୍ରମୁଖ ଛାତ୍ରଛାତ୍ରୀ ତଥା କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲା ବେଳେ ଆଗାମୀ ଦିନରେ ଛାତ୍ର ସମସ୍ୟାର ସମାଧାନ ,ଗଠନମୂଳକ କାର୍ଯ୍ୟର ବିସ୍ତାର ଏବଂ ସଂଗଠନର ସୁଦୃଢ଼ୀକରଣ ନେଇ ଏହି ବର୍ଗରେ ସଂକଳ୍ପ ଗ୍ରହଣ କରାଯାଇଥିଲା।

# ମହିଳା ମହାବିଦ୍ୟାଳୟରେ ଗୁରୁ ଶିଷ୍ୟ ପରଂପରା ଉପରେ ଆଲୋଚନା ଚକ୍ର

ବଲାଙ୍ଗିର,୩।୮ :(ମନ୍ଥନ)ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ବଲାଙ୍ଗିର ଶାଖା ତରଫରୁ ବଲାଙ୍ଗିର ମହିଳା ମହାବିଦ୍ୟାଳୟରେ, ଆମ ସଂସ୍କୃତିରେ ଗୁରୁ ଶିଷ୍ୟ ପରଂପରା ଓ ବ୍ୟାସଦେବ ଶିର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପରିଷଦର ସଭାପତି ଡ. ଭବାନୀ ଶଙ୍କର ପଟେଲ ଓ ସଂପାଦକ ରାମଚନ୍ଦ୍ର ପଟେଲ ଙ୍କ ଦ୍ୱାରା ସଭା ଆୟୋଜନ ହୋଇଥିଲେ । ସଭାରେ ଅତିଥି ଭାବରେ କିଶୋର କୁମାର ରଥ, ବକ୍ତା ଭାବରେ ଅଜିତ କୁମାର ପଣ୍ଡା ସଂସ୍କୃତ ଅଧାପକ, ନିଜ ନିଜ ବକ୍ତବ୍ୟ ରଖିଥିଲେ । ମଂଚ ପରିଚାଳନା କରିଥିଲେ ଚୁମକୀ ଦାଶ । ଅତିଥି ଆମ ଭାରତୀୟ ସଂସ୍କୃତି ଓ ପାଶ୍ଚାତ୍ୟ ର ସଂସ୍କୃତିର ତୁଳନା କରି ସେ ୧୧୪ ଦେଶର ପାଶ୍ଚାତ୍ୟର ସଂସ୍କୃତିର ତୁଳନା କରି ସେ ୧୧୪ ଦେଶର ପରଂପରା ସହ ଆମ ଭାରତକୁ ଶ୍ରେଷ୍ଠ ବୋଲି ବିବେଚନା କରିଥିଲେ ।ଶ୍ରୀ ପଣ୍ଡା ଆମ ଅତୀର ସଂସ୍କୃତି କୁ ନେଇ ଏବଂ ବ୍ୟାସଦେବ ଙ୍କର ଚରିତ୍ର ର ଭୁୟୋସି ବର୍ଣ୍ଣନା କରିଥିଲେ । ସଂପାଦକ ମହାଦନ ଗୀତାକୁ କେନ୍ଦ୍ର କରି କୃଷ୍ଣ ଏବଂ ଅର୍ଜୁନ ଙ୍କର ଗୁରୁ ଶିଷ୍ୟ ର କେନ୍ଦ୍ର କରି କୃଷ୍ଣ ଏବଂ ଅର୍ଜୁନ ଙ୍କ ଗୁରୁ ଶିଷ୍ୟ ର ସୁନ୍ଦର ଆଲୋଚନା କରିଥିଲେ । ଛାତ୍ରୀ ସୃଷ୍ଟିଶ୍ରୀ ପ୍ରଧାନ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଆଲୋଚନାଚକ୍ର ରେ ଅଂଗ୍ରହଣ କରିଥିଲେ ଯସ୍ମିନ ଖମାରୀ ଓ ରିସ୍ମା ରଣା ।



ଧନ୍ୟବାଦ ପ୍ରଦାନ କରିଥିଲେ ସଂଯୋଜିକା ଚୁମକୀ ଦାଶ । ଏହି କାର୍ଯ୍ୟକ୍ରମରେ ରନ୍ମୟ ତ୍ରିପାଠି, ତରଣୀ ସେନ ପଟେଲ, ସଂପାଦକ ସରସ୍ୱତୀ ଶିଶୁ ମନ୍ଦିର ବଲାଙ୍ଗିର କଦମପଡା, ବିଭୁତି ମିଶ୍ର ଉପସ୍ଥିତ ଥିଲେ ।

# ଅର୍ଥ ଦେଣନେଣକୁ ନେଇ ଆକ୍ରମଣ , ଜଣେ ଗିରଫ

ବୁଗୁଡା,୩।୮ :(ମନ୍ଥନ) ବୁଗୁଡ଼ା ଥାନା ଅନ୍ତର୍ଗତ ନିମପଦର ଗ୍ରାମରେ ଅର୍ଥ ଦେଣନେଣକୁ ନେଇ ଆକ୍ରମଣ ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି। ଗିରଫ ଯୁବକ ଜଣକ ହେଲେ ନିମପଦର ଗାଁର ରବି ଓରଫ ପପି ଦଳେଇ (୩୫)।ଏ ନେଇ ଥାନାରେ କେସ୍ ନଂ ୩୭୧/୨୬ ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଅର୍ଥ ଦେଣନେଣକୁ ନେଇ ରବି ଦଳେଇ ଓ କାର୍ତ୍ତିକ ବେହେରାଙ୍କ ମଧରେ ଗତ ବୁଧବାର ସନ୍ଧ୍ୟାରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ଉତ୍ୟକ୍ତ ହୋଇ ରବି ଏକ ଧାରୁଆ ଅସ୍ତ୍ରରେ କାର୍ତ୍ତିକକୁ ଆକ୍ରମଣ କରିଥିଲା। ଆକ୍ରମଣରେ କାର୍ତ୍ତିକର ମୁଣ୍ଡ, ବାମ ହାତ ଓ ଗୋଡରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା । ଆକ୍ରମଣରେ କାର୍ତ୍ତିକଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁରକୁ ପଠାଯାଇଥିଲା। ଏ ନେଇ କାର୍ତ୍ତିକଙ୍କ ପତ୍ନୀ ଚନ୍ଦ୍ରକାନ୍ତି ବେହେରାଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତ ରବିକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

# ଇଂ ଅକ୍ଷୟ କୁମାର ସାମଲ ପାଇବେ ପରିବେଶ ରତ୍ନ ସମ୍ମାନ

ମାହାଙ୍ଗା,୩।୮ :(ମନ୍ଥନ)ଆସନ୍ତା ୯ ତାରିଖ ରବିବାର ଦିନ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ୍ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ହୋଟେଲ ଅଶୋକ, ଚାଣକ୍ୟପୁରୀ, ନୂଆଦିଲ୍ଲୀ ଠାରେ ମାହାଙ୍ଗା ବ୍ଲକ୍ ଉମର ପଂଚାୟତର ଉମର ଗ୍ରାମର ବିଶିଷ୍ଟ ସମାଜସେବୀ, ନାଟ୍ୟକାର, ପରିବେଶବିତ୍, କୋଭିଡ୍ ଯୋଦ୍ଧା, ସଂସ୍କୃତି ପ୍ରେମୀ, ଇଂ ଅକ୍ଷୟ କୁମାର ସାମଲଙ୍କୁ ପରିବେଶ ରତ୍ନ ସମ୍ମାନ-୨୦୨୬ ପ୍ରଦାନ କରାଯିବ। ଯାହା ମାହାଙ୍ଗା ପାଇଁ ଏକ ଗର୍ବ ଓ ଗୌରବର ବିଷୟ। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି, ରାଜନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଇଂ ସାମଲ ଯେକି କଳିଙ୍ଗ ଭାରତୀ ଫାଉଣ୍ଡେସନ୍‌ର ରାଷ୍ଟ୍ରିୟ ଅଧକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ପ୍ରବାସୀ ଓଡ଼ିଆଙ୍କ ପାଇଁ କାର୍ଯ୍ୟ କରି ପ୍ରଶଂସିତ ହୋଇଛନ୍ତି। ପରିବେଶ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ସେ ଏହି ପୁରସ୍କାର ପାଉଥିବାରୁ ମାହାଙ୍ଗା ଅଂଚଳର ବୁଦ୍ଧିଜିବୀ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ

ମାହାଙ୍ଗା,୩।୮ :(ମନ୍ଥନ)ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଓଷଙ୍ଗ ପଂଚାୟତ ସ୍ଥିତ ହାଟପଡ଼ା ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରଥ ଚନ୍ଦ୍ର ମହାପାତ୍ରଙ୍କର ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଓଷଙ୍ଗ କ୍ଲଷ୍ଟରର ସିଆରସିସି ସଞ୍ଜୟ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏବିଇଓ ସୋମନାଥ ରାମ ଯୋଗଦେଇ ବିଦାୟି ପ୍ରଧାନ ଶିକ୍ଷକ ସୁରଥ ଚନ୍ଦ୍ର ମହାପାତ୍ରଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତାଭାବେ ପ୍ରାବନ୍ଧିକ ଡ଼. ଏକାଦଶୀ ପ୍ରଧାନ ଯୋଗଦେଇ ଶିକ୍ଷକମାନଙ୍କର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ନିହାର ରଂଜନ ସାମଲ, ୟୁକୋ ବ୍ୟାଙ୍କର ଅବସରପ୍ରାପ୍ତ ଶାଖା ପରିଚାଳକ କୁଶଧ୍ୱଜ ସାମଲ, ସମ୍ମାନିତ ବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ଲେଙ୍କା, ବରେଣ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ଅଧିକାରୀ ସଦାନନ୍ଦ ବେହେରା ଯୋଗଦେଇ ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକମାନଙ୍କର ଭୂମିକା ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ବାରିକ, ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶିକ୍ଷୟିତ୍ରୀ ସସ୍ମୀତା ବେହେରା ମାନପତ୍ର ପାଠ କରିଥିଲେ। ଏହି ଉତ୍ସବରେ ବିଦାୟି ପ୍ରଧାନ ଶିକ୍ଷକ ସୁରଥ ଚନ୍ଦ୍ର ମହାପାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ଉପଢୌକନ, ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ବେଳେ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ର ସଂଘ ପକ୍ଷରୁ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଅନ୍ୟମାନଙ୍କ ମଧରେ ସିଆରସିସି ତ୍ରୈଲୋଚନ ବରାଳ, ଭଗବତୀ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତପନ ଦାସ, ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ନନ୍ଦ, ତ୍ରିଲୋଚନ ପଢିହାରୀ, ଅମରେନ୍ଦ୍ର ପ୍ରସାଦ ଜେନା, ସହାରୀ ଶିକ୍ଷକ ପ୍ରଦୀପ୍ତ କୁମାର ବେହେରା ଓ ଓଷଙ୍ଗ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହୃଷିକେଶ ପ୍ରଧାନଙ୍କ ସମେତ ଅଭିଭାବକ, ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହିଥିଲେ।



# କେନ୍ଦ୍ରାପଡା ଜିଲ୍ଲାରେ ବନ୍ୟା ପରିସ୍ଥିତି :ପ୍ରଶାସନର ତ୍ୱରିତ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି

କେନ୍ଦ୍ରାପଡ଼ା,୩।୮ :(ମନ୍ଥନ) କେନ୍ଦ୍ରାପଡା ଜିଲ୍ଲାରେ ବନ୍ୟା ପରିସ୍ଥିତିକୁ ସାମ୍ନା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଜିଲ୍ଲାର ୯ଟି ବ୍ଲକ୍- ରାଜକନିକା, ପଟ୍ଟାମୁଣ୍ଡାଇ, ଆଳି, ଗରଦପୁର, ରାଜନଗର, କେନ୍ଦ୍ରାପଡା, ମାର୍ଶାଘାଇ, ମହାକାଳପଡା ଓ ଡେରାବିଶର ୮୫ଟି ଗ୍ରାମ ପଞ୍ଚାୟତର ୧୭୦ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡ ମଧ୍ୟ ବନ୍ୟା ପ୍ରଭାବରେ ରହିଛି।ଜିଲ୍ଲାରେ ମୋଟ ୮୮,୭୯୩ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୧,୧୬୪ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜିଲ୍ଲାରେ ୭ଟି ଆଶ୍ରୟ କେନ୍ଦ୍ର ଓ ରିଲିଫ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ସମୁଦାୟ ୧,୨୪୯ ଜଣ ଉପକୃତ ହୋଇଥିବାବେଳେ ଆଜି ୧,୧୬୪ ଜଣ ଏହି କେନ୍ଦ୍ରଗୁଡ଼ିକରେ ରହି ସମସ୍ତ ଆବଶ୍ୟକ ସୁବିଧା ପାଉଛନ୍ତି। ରିଲିଫ ବ ନ କାର୍ଯ୍ୟ ମଧ୍ୟ ଜୋରଦାର ଚାଲିଛି। ଆଜି ସୁଦ୍ଧା ୨୪୨.୩୯ କ୍ୟୁ ।ଲ ଚାଉଳ, ୨୩.୭୮ କ୍ୱି ।ଲ ଚୁଡ଼ା, ୧୧ କ୍ୱି ।ଲ ଗୁଡ଼, ୧୨୬ କାର୍ଟୁନ ବିସ୍କୁଟ, ୬.୫ କାର୍ଟୁନ ମହମବତୀ, ୬ କାର୍ଟୁନ ଦିଆସିଲି ଏବଂ ୩୫,୦୦୦ ବୋତଲ ପାନୀୟ ଜଳ ବ ନ କରାଯାଇଛି। କେବଳ ଆଜି ୧୬୧.୬୪ କ୍ୱି ।ଲ ଚାଉଳ, ୧୫.୭୫ କ୍ୱି ।ଲ ଚୁଡ଼ା, ୮୪ କାର୍ଟୁନ ବିସ୍କୁଟ, ୧.୫ କାର୍ଟୁନ ମହମବତୀ, ୧ କାର୍ଟୁନ ଦିଆସିଲି ଓ ୮,୮୦୦ ବୋତଲ ପାନୀୟ ଜଳ ବ ନ କରାଯାଇଛି।ବନ୍ୟା ପ୍ରଭାବିତ ଅଞ୍ଚଳରେ ୧୬ଟି ମେଡିକାଲ ଟିମ୍ ଏବଂ ୯ଟି ପ୍ରାଣୀ ଚିକିତ୍ସା ଦଳ ନିୟୋଜିତ ହୋଇ ଲୋକଙ୍କ ସ୍ୱାସ୍ଥ୍ୟ ସେବା ଓ ପଶୁଙ୍କ ସୁରକ୍ଷା ନିଶ୍ଚିତ କରୁଛନ୍ତି। ପ୍ରାୟ ୪୭,୬୩୧ଟି ପଶୁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲେ ମଧ୍ୟ କୌଣସି ପଶୁଙ୍କ ଜୀବନହାନି ଘଟିନାହିଁ।ଜିଲ୍ଲାରେ କୌଣସି ଜୀବନହାନି ଘଟିନାହିଁ। ପ୍ରାୟ ୭୪ଟି ଗୁହାଳ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଫସଲ କ୍ଷୟକ୍ଷତିର ଆକଳନ ବନ୍ୟାଜଳ ହ୍ରାସ ପରେ କରାଯିବ। ବର୍ତ୍ତମାନ ୧୧୫ଟି ରାସ୍ତା ବନ୍ୟାଜଳରେ ବୁଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଦ୍ୟୁତ ଯୋଗାଣ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିରେ କୌଣସି ବଡ଼ ଧରଣର କ୍ଷତି ହୋଇନାହିଁ।ଉଦ୍ଧାର କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ପାଇଁ ୩ଟି ପାୱାର ବୋଟ୍, ୮୧ଟି ଦେଶୀ ଡଙ୍ଗା ଓ ୧୫ଟି ଯାନ୍ତ୍ରିକ ଡଙ୍ଗା ନିୟୋଜିତ ରହିଛି। ଜିଲ୍ଲା ପ୍ରଶାସନ ସମସ୍ତ ପରିସ୍ଥିତି ଉପରେ ସତର୍କ ନଜର ରଖିଥିବାବେଳେ ପ୍ରଭାବିତ ଲୋକଙ୍କୁ ଆବଶ୍ୟକୀୟ ସମସ୍ତ ସହାୟତା ଯୋଗାଇ ଦେବାକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରଖିଛି।

## ବନ୍ୟା ବିପର୍ଯ୍ୟୟ ମୁକାବିଲାରେ ଯୁଦ୍ଧକାଳୀନ ତତ୍ପରତା

# ଖୋର୍ଦ୍ଧା ବ୍ଲକରେ ପ୍ରାୟ ୧୨ ଶହ ବନ୍ୟାପୀଡ଼ିତଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ

ଖୋର୍ଦ୍ଧା, ୩।୮ :(ମନ୍ଥନ) ଲଗାଣ ବର୍ଷା ଓ ନଦୀ-ନାଳର ଜଳସ୍ତର ବୃଦ୍ଧି ପରେ ଖୋର୍ଦ୍ଧା ବ୍ଲକର ବିଭିନ୍ନ ନିମ୍ନାଞ୍ଚଳ ଗ୍ରାମରେ ବନ୍ୟା ପରିସ୍ଥିତି ଉପୁଜିଥିବା ବେଳେ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ ଓ ଉଦ୍ଧାର କାର୍ଯ୍ୟକ୍ରମ ଜୋରଦାର କରାଯାଇଛି। ବିଶେଷକରି ଖୋର୍ଦ୍ଧା ବ୍ଲକର ନରଣଗଡ଼ ଓ ଓରବରସିଂହ ଗ୍ରାମ ପଞ୍ଚାୟତର ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ପ୍ରାୟ ୧,୧୯୪ ଜଣ ବନ୍ୟାପୀଡ଼ିତଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିବା ବେଳେ ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ କଡ଼ା ନଜର ରଖିଛି। ଖୋର୍ଦ୍ଧା ବ୍ଲକ ପ୍ରଶାସନ ସୂଚନା ଅନୁଯାୟୀ, ଲଗାତାର ବର୍ଷା ଫଳରେ ବହୁ ସ୍ଥାନରେ ରାସ୍ତାଘାଟ, ଚାଷଜମି ଓ ବସତି ଜଳମଗ୍ନ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଶିଶୁ, ବୃଦ୍ଧ, ମହିଳା ଏବଂ ଦୈନିକ ମଜୁରିଆଙ୍କୁ ପ୍ରାଥମିକତା ଦେଇ ଖାଦ୍ୟ ଓ ଆବଶ୍ୟକ ସହାୟତା ପହଞ୍ଚାଇବା ଉପରେ ପ୍ରଶାସନ ଗୁରୁତ୍ୱ ଦେଉଛି। ରିଲିଫ କାର୍ଯ୍ୟକ୍ରମ ଅନ୍ତର୍ଗତ ନରଣଗଡ଼ ପଞ୍ଚାୟତର ଓରମି ଗ୍ରାମରେ ୩୨୦ ଜଣ (୨୨୦ ଜଣ ବୟସ୍କ ଓ ୧୦୦ ଜଣ ଶିଶୁ)ଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ସେହିପରି ମାନପୁର ଗ୍ରାମରେ ୧୫୦ ଜଣ, ଧବପୁର ସରକାରୀ ବିଦ୍ୟାଳୟରେ ଖୋଲାଯାଇଥିବା ଅସ୍ଥାୟୀ ରିଲିଫ୍ କେନ୍ଦ୍ରରେ ଆଶ୍ରୟ ନେଇଥିବା ୧୫୦ ଜଣ ବନ୍ୟାପୀଡ଼ିତଙ୍କୁ ମଧ୍ୟ ଖାଦ୍ୟ ଯୋଗାଇ ଦିଆଯାଇଛି।ଅନ୍ୟପଟେ ଓରବରସିଂହ ଗ୍ରାମ ପଞ୍ଚାୟତର ହିରିମୂଳ ଗ୍ରାମରେ ୧୭୪ ଜଣ ଏବଂ ଦୁର୍ଗାପୁର ଓ ଡିହଖଳା ଗ୍ରାମର ୪୦୦ ଜଣ ବନ୍ୟାପୀଡ଼ିତଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଏହାକୁ ମିଶାଇ ଗୋଟିଏ ଦିନରେ ମୋଟ ୧,୧୯୪ ଜଣ ଲୋକ ପ୍ରଶାସନ ପକ୍ଷରୁ ଖାଦ୍ୟ ସହାୟତା ପାଇଛନ୍ତି। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ସମସ୍ତ ରିଲିଫ୍ କାର୍ଯ୍ୟ ଚାଲିଥିବା ବେଳେ ରାଜସ୍ୱ, ପଞ୍ଚାୟତିରାଜ ଓ ବ୍ଲକ ସ୍ତରୀୟ ଅଧିକାରୀମାନଙ୍କୁ ପ୍ରଭାବିତ ଅଞ୍ଚଳରେ ନିୟୋଜିତ କରାଯାଇଛି। ପ୍ରତ୍ୟେକ ଗ୍ରାମର ସ୍ଥିତି ସମୀକ୍ଷା କରି ବିପନ୍ନ ପରିବାର ଚିହ୍ନଟ ସହ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ଯୋଗାଣକୁ ସୁନିଶ୍ଚିତ କରାଯାଉଛି।ପ୍ରଶାସନ ପକ୍ଷରୁ ଜଳସ୍ତର ଉପରେ ଚବିଶ ଘଣ୍ଟିଆ ନଜର ରଖିବା ସହ ଯେକୌଣସି ନୂତନ ଜଳାବଦ୍ଧତା କିମ୍ବା ନଦୀବନ୍ଧ କ୍ଷୟ ସମ୍ପର୍କିତ ସୂଚନା ତୁରନ୍ତ ପହଞ୍ଚାଇବାକୁ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ଉଦ୍ଧାରକାରୀ ଦଳ ତୁରନ୍ତ ମୁତୟନ କରାଯିବା ପାଇଁ ପ୍ରସ୍ତୁତ ରହିଥିବା ମଧ୍ୟ କୁହାଯାଇଛି।ଏପଟେ ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନେ ପ୍ରଶାସନର ତୁରନ୍ତ ରିଲିଫ୍ ପଦକ୍ଷେପକୁ ସ୍ୱାଗତ କରିଥିଲେ ମଧ୍ୟ ବର୍ଷକୁ ବର୍ଷ ସମାନ ସମସ୍ୟାର ପୁନରାବୃତ୍ତିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ବର୍ଷା ଋତୁରେ ନିମ୍ନାଞ୍ଚଳ ଗ୍ରାମଗୁଡ଼ିକ ଜଳମଗ୍ନ ହେଉଥିବାରୁ ଡ୍ରେନେଜ୍ ବ୍ୟବସ୍ଥାର ଦୁର୍ବଳତା, ପ୍ରାକୃତିକ ଜଳନିଷ୍କାସନ ପଥର ଅବରୋଧ ଏବଂ ନାଳ-ନଦୀର ପଙ୍କ ?ଦ୍ଧାର କାର୍ଯ୍ୟ ପ୍ରତି ଅବହେଳାକୁ ଦାୟୀ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ମତରେ, କେବଳ ରିଲିଫ ବଣ୍ଟନ ନୁହେଁ, ବରଂ ନଦୀବନ୍ଧର ସୁଦୃଢ଼ୀକରଣ, ଆଧୁନିକ ଡ୍ରେନେଜ୍ ବ୍ୟବସ୍ଥାର ବିକାଶ, ପ୍ରାକୃତିକ ଜଳପଥର ପୁନରୁଦ୍ଧାର ଓ ସ୍ଥାୟୀ ବନ୍ୟା ନିୟନ୍ତ୍ରଣ ପଦକ୍ଷେପ ଗ୍ରହଣ କରାଗଲେ ଭବିଷ୍ୟତରେ ଏପରି କ୍ଷତିକୁ ବହୁ ପରିମାଣରେ ରୋକାଯାଇପାରିବ। ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ରିଲିଫ୍ କାର୍ଯ୍ୟ ଜାରି ରହିବ। ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ମହଜୁଦ ରହିଛି ଏବଂ କ୍ଷେତ୍ରସ୍ତରରୁ ମିଳୁଥିବା ରିପୋର୍ଟ ଆଧାରରେ ଅଧିକ ସହାୟତା ଯୋଗାଇ ଦିଆଯିବ। ବନ୍ୟାପ୍ରବଣ ଅଞ୍ଚଳର ବାସିନ୍ଦାଙ୍କୁ ସତର୍କ ରହିବା, ପ୍ରଶାସନ ପକ୍ଷରୁ ଜାରି ପରାମର୍ଶ ପାଳନ କରିବା ଏବଂ କୌଣସି ଜରୁରୀ ପରିସ୍ଥିତି ଦେଖାଦେଲେ ତୁରନ୍ତ ସ୍ଥାନୀୟ ପ୍ରଶାସନକୁ ସୂଚନା ଦେବାକୁ ଅପିଲ କରାଯାଇଛି। ପ୍ରତ୍ୟେକ ବନ୍ୟାପୀଡ଼ିତ ପରିବାର ସୁରକ୍ଷିତ ଭାବେ ପୁନର୍ବାସିତ ହୋଇ ସାଧାରଣ ଜୀବନକୁ ଫେରିବା ପର୍ଯ୍ୟନ୍ତ ସମସ୍ତ ପ୍ରକାର ସରକାରୀ ସହାୟତା ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଖୋର୍ଦ୍ଧାରେ ଦାଦାବଟି ପାଇଁ ଗୁଳିକାଣ୍ଡ
# ୮ ଜଣ ଗିରଫ, ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗାଡ଼ି ଜବତ

ଖୋର୍ଦ୍ଧା,୩।୮ :(ମନ୍ଥନ) ଗତ ରବିବାର ଦିନ ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ପାନବରଜ ସଦକା ସାହିରେ ଦାଦାବଟିକୁ କେନ୍ଦ୍ର କରି ଘଟିଥିବା ଗୁଳିକାଣ୍ଡ ଘଟଣାରେ ପୋଲିସ ବଡ଼ ସଫଳତା ପାଇଛି। ଏହି ମାମଲାରେ ୮ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ ଗୋଟିଏ ବିଦେଶୀ ପିସ୍ତଲ, ୪ ରାଉଣ୍ଡ ଜୀବନ୍ତ ଗୁଳି, ୨ଟି କାର, ଗୋଟିଏ ସ୍କୁଟି, ୬ଟି ମୋବାଇଲ ଫୋନ ଓ ନଗଦ ୯,୫୦୦/- ଟଙ୍କା ଜବତ କରିଛି।ଆରୋକ୍ଷୀ ଅଧିକ୍ଷକ ଶ୍ରୀ ପରମାରସ୍ମିତ ଗ ପାରୋସତ୍ତମଦାସ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଅନୁଯାୟୀ, ଜାକରା ଗ୍ରାମର ଦିବ୍ୟଜ୍ୟୋତି ମିଶ୍ରଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଥିଲା। ଅଭିଯୋଗରେ କୁହାଯାଇଛି ଯେ, ପାନବରଜ ମୌଜାରେ ପ୍ଲଟିଂ ବ୍ୟବସାୟ କରୁଥିବା ବେଳେ ସୂର୍ଯ୍ୟକାନ୍ତ ମହାନ୍ତି ଓ ତାଙ୍କ ସହଯୋଗୀମାନେ ୫ ଲକ୍ଷ ଟଙ୍କା ଦାଦାବଟି ଦାବି କରିଥିଲେ। ଟଙ୍କା ଦେବାକୁ ମନା କରିବା ପରେ ଜରିପୁଟ ହନୁମାନ ମନ୍ଦିର ନିକଟରେ ତାଙ୍କୁ ଅଟକାଇ ଧମକ ଦେଇଥିଲେ।ପରବର୍ତ୍ତୀ ସମୟରେ ପାନବରଜ ସଦକା ସାହିରେ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇଥିବା ବେଳେ ସୂର୍ଯ୍ୟ ନାରାୟଣ ମହାନ୍ତି ଅଭିଯୋଗକାରୀଙ୍କୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲେ। ଗୁଳିଟି ଅନିଲ ଛୋଟରାୟଙ୍କ କାନ୍ଧରେ ବାଜିଥିଲା। ଗୁରୁତର ଆହତ ଅବସ୍ଥାରେ ପ୍ରଥମେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା।ଏସ୍ ? ପି ଶ୍ରୀ ପରମାର ସ୍ମିତ ପରଶୋତ୍ତମଦାସଙ୍କ ନିର୍ଦ୍ଦେଶରେ ଆଇଆଇସି ସଞ୍ଜୟ କୁମାର ନାୟକଙ୍କ ନେତୃତ୍ୱରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୮ ଜଣଙ୍କୁ ଗିରଫ କରିଥିଲା। ଘଟଣାଟିର ଅଧିକ ତଥ୍ୟ ପାଇଁ ପୋଲିସ ତଦନ୍ତ ଜାରି ରଖିଛି।



## ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ପଶୁ ସମ୍ପଦ ସୁରକ୍ଷା

କେନ୍ଦ୍ରାପଡ଼ା,୩।୮ :(ମନ୍ଥନ)ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ରିଲିଫ୍ ଓ ପୁନର୍ବାସ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ପ୍ରଭାବିତ ଲୋକମାନଙ୍କ ନିକଟରେ ଆବଶ୍ୟକୀୟ ସହାୟତା ପହଞ୍ଚାଇବା ପାଇଁ ପ୍ରଶାସନ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛି।ବରାକାନ୍ଧ ଗ୍ରାମ ପଞ୍ଚାୟତରେ ବନ୍ୟା ଘେରରେ ବିଚ୍ଛିନ୍ନ ହୋଇ ରହିଥିବା ୩ଟି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ବୋତଲ ବ ନ କରାଯାଇଛି।ଗଡରୋମିତ ଗ୍ରାମ ପଞ୍ଚାୟତରେ ବନ୍ୟା ପ୍ରଭାବିତ ପରିବାରମାନଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ବ ନ କରାଯାଇ ସେମାନଙ୍କର ତତ୍କାଳୀନ ଖାଦ୍ୟ ଆବଶ୍ୟକତା ପୂରଣ କରାଯାଇଛି।ଗ୍ରାମାଞ୍ଚଳରେ ପଶୁସମ୍ପଦର ସୁରକ୍ଷାକୁ ଗୁରୁତ୍ୱ ଦେଇ ଗରଦପୁର ବ୍ଲକର ସାନନୟନପୁର ଗ୍ରାମରେ ପଶୁମାନଙ୍କ ପାଇଁ ସବୁଜ ପଶୁଖାଦ୍ୟ (ଗ୍ରୀନ୍ ଫୁଡ୍) ବ ନ କରାଯାଇଛି।ସେହିପରି ମହାକାଳପଡ଼ା ବ୍ଲକର ବନ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳରେ ପଶୁ ଚିକିତ୍ସା ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଓ ଗଣ ଟିକାକରଣ କାର୍ଯ୍ୟକ୍ରମ ଚାଲୁ ରହିଛି। ପଶୁମାନଙ୍କୁ ବନ୍ୟା ପରବର୍ତ୍ତୀ ସଂକ୍ରାମକ ରୋଗରୁ ସୁରକ୍ଷା ଦେବା ସହିତ ଆବଶ୍ୟକ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି।

# ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ସଚେତନତାକୁ ସିଧାସଳଖ ଆମ ଗାଁ ଓ ସମୁଦାୟ ପର୍ଯ୍ୟନ୍ତ ପହଞ୍ଚାଉଛୁ

ଅନୁଗୋଳ,୩।୮ :(ମନ୍ଥନ) ଲୋକମାନେ ଯେତେବେଳେ ବୁଝନ୍ତି ଯେ ପ୍ରକୃତି ଓ ବନ୍ୟଜନ୍ତୁ ସୁରକ୍ଷା କାହିଁକି ଜରୁରୀ, ସେତେବେଳେ ସଂରକ୍ଷଣର ପ୍ରୟାସ ଆହୁରି ଶକ୍ତିଶାଳୀ ହୁଏ।ଅନୁଗୋଳ ବନଖଣ୍ଡର ଏଲଇଡି ସଚେତନତା ଯାନ ବିଭିନ୍ନ ଗାଁ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସହ ଯୋଡ଼ି ହେଉଛି ଏବଂ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା, ଜଙ୍ଗଲ ଅଗ୍ନିକାଣ୍ଡ ରୋକଥାମ ଓ ବନ୍ୟଜନ୍ତୁଙ୍କ ସହ ସୁରକ୍ଷିତ ସହଅବସ୍ଥାନ ସମ୍ପର୍କରେ ସଚେତନତା ସୃଷ୍ଟି କରୁଛି।ପରଦା ଆଗରେ ଉତ୍ସାହର ସହ ଏକାଠି ହେଉଥିବା ପିଲାମାନଙ୍କଠାରୁ ଆରମ୍ଭ କରି ରାସ୍ତାରେ ଅଟକି ଦେଖୁଥିବା ପରିବାର ପର୍ଯ୍ୟନ୍ତ ସମସ୍ତଙ୍କର ସକାରାତ୍ମକ ସହଭାଗିତା ଆମକୁ ଉତ୍ସାହିତ କରୁଛି।ଏହି ସଚେତନତା କାର୍ଯ୍ୟକ୍ରମଗୁଡ଼ିକର ଉଦ୍ଦେଶ୍ୟ ହେଉଛି ସଂରକ୍ଷଣର ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତାକୁ କେବଳ କାର୍ଯ୍ୟାଳୟ କିମ୍ବା ବୈଠକରେ ସୀମିତ ନରଖି, ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସହ ବାସ କରୁଥିବା ଲୋକଙ୍କ ପାଖକୁ ପହଞ୍ଚାଇବା।ଆମ ଜଙ୍ଗଲର ସୁରକ୍ଷା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ। ସଚେତନ ନାଗରିକ ଭାବେ ପ୍ରତ୍ୟେକଙ୍କର ଛୋଟ ପଦକ୍ଷେପ ମଧ୍ୟ ବଡ଼ ପରିବର୍ତ୍ତନ ଆଣିପାରେ।ଆପଣଙ୍କ ଅଞ୍ଚଳରେ ଏହି ଏଲଇଡି ସଚେତନତା ଯାନକୁ ଦେଖିଛନ୍ତି କି ତେବେ କମେଣ୍ଟରେ ଆପଣଙ୍କ ଗାଁ କିମ୍ବା ଅଞ୍ଚଳର ନାମ ଲେଖନ୍ତୁ।



## ଚିତାଲୋ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ବିୟୋଗ

ଯାଜପୁର, ୩।୮ :(ମନ୍ଥନ) ଦଶରଥପୁର ବ୍ଲକ ଅନ୍ତର୍ଗତ ଚିତାଲୋ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ନେହଲତା ଦାଶ (୭୨)ଙ୍କର ଜୁଲାଇ ମାସ ୩୧ ତାରିଖ ସକାଳ ସମୟରେ ପରଲୋକ ହୋଇଯାଇଅଛି। ଦୀର୍ଘଦିନ ଧରି ଫୁସ୍ ଫୁସ୍ ଜନିତ ରୋଗରେ ପିଡ଼ିତ ହୋଇ ଭୁବନେଶ୍ୱର ସମ ଅଲ୍‌ଟିମେଟ୍ ମେଡିକାଲରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଶର୍ଯ୍ୟାନିକଟରେ ତାଙ୍କ ଏକ ମାତ୍ର ପୁତ୍ର ସୂର୍ଯ୍ୟନାରାୟଣ ଦାଶ କନ୍ୟା ଓ ଜାମାତା ଅନିଲ କୁମାର ପଣ୍ଡା ଉପସ୍ଥିତ ଥିଲେ। ସ୍ୱର୍ଗତ ଦାଶ ଚିତାଲୋ ଗ୍ରାମ ପଞ୍ଚାୟତରେ ସରପଞ୍ଚଥିଲେ। ସେ ଜଣେ ଧର୍ମପ୍ରାଣା ମହିଳା ଥିଲେ ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ସୃଷ୍ଟି ହୋଇଥିଲା। ସ୍ୱର୍ଗତ ପଣ୍ଡା ବିରଜା ସେବା ସମିତିର ସଭାପତି ବିଶ୍ୱମ୍ଭର ମିଶ୍ର, ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ, ଅନ୍ୱେଷଣ ଥିଏଟର ଗ୍ରୁପର ସଭାପତି ବୃନ୍ଦାବନ ମିଶ୍ର ଓ ସମ୍ପାଦକ ଅଭିମନ୍ୟୁ ମିଶ୍ର, ପୂର୍ଣ୍ଣାନନ୍ଦ ମିଶ୍ର ପାଠାଗାରର ସମ୍ପାଦକ ନୃସିଂହ ଚରଣ ମହାପାତ୍ର, ଗୀତାଜାଗରଣ ପରିଷଦର ସଭାପତି ଆଇନଜୀବୀ ପ୍ରତିମା କର, ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି ଶୋକ ବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ପଣ୍ଡାଙ୍କୁ ପୁରୀ ସ୍ୱର୍ଗଦ୍ୱାର ଶ୍ମଶାସନରେ ଶେଷକୃତ୍ୟ କରାଯାଇଥିଲା। ତାଙ୍କର ପୁତ୍ର ସୂର୍ଯ୍ୟନାରାୟଣ ମୁଖାଗ୍ନି ଦେଇଥିଲେ ତାଙ୍କ ନିକଟରେ ମୁରଲିଧର ପଣ୍ଡା, ଶିବ ପଣ୍ଡା ଦିଲୁ ପଣ୍ଡା, ପ୍ରସନ୍ନ ମହାପାତ୍ର, କାଜଲ ସାହୁ, ବାପି ବାବୁ, ଦୁଷ୍ମନ୍ତ ତ୍ରିପାଠୀ, ପ୍ରସନ୍ନ ମହାରଣା, ସୁମନ୍ତ ବାବୁ ଅନ୍ୟମାନେ ଉପସ୍ଥିତ ଥିଲେ। ଗୁରୁକୂଳ ମଡେଲ ସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ଧଳ ଓ ଅନ୍ୟ ସମସ୍ତ ଶିକ୍ଷକ ଓ ଶିକ୍ଷାକର୍ମୀ ଦୁଃଖ ପ୍ରକାଶ କରିଥିଲେ।

# ରଷିକୁଲ୍ୟା ନଦୀ କୂଳରେ ବୋଲବମ ଭକ୍ତଙ୍କ ଭିଡ଼

ଗଞ୍ଜାମ,୩।୮ :(ମନ୍ଥନ)ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମ ନିକସ୍ଥ ରଷିକୁଲ୍ୟା ନଦିଘାଟରେ ବୋଲବମ ଭକ୍ତଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି । ସୋମବାର ପବିତ୍ର ଶ୍ରାବଣ ମାସ ର ପ୍ରଥମ ପାଳିରେ ଜଳଲାଗି କରିବା ପାଇଁ ହଜାର ହଜାର ସଂଖ୍ୟାରେ କାଉଡ଼ିଆ ମାନେ ଦୂର ଦୁରାନ୍ତରୁ ଦଳ ଦଳ ହୋଇ ନଦୀ କୂଳରେ ପହଂଚିଥିଲେ । ଗେରୁଆ ବସ୍ତ୍ର ପରିଧାନ ପୂର୍ବକ ଶିବ ଭକ୍ତ ମାନେ ନିଜ ମାନସିକ ପୂରଣ ପାଇଁ ନଦୀ ବାଲି ରେ ଶିବାଲିଙ୍ଗ ସ୍ଥାପନ କରି ପରମ୍ପାରିକ ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରି କଳସରେ ନଦୀଜଳ କୁ ଶ୍ରାବାଣୀ ଭାର କାନ୍ଧ ରେ ଧାରଣ କରି ନିକଟସ୍ଥ ବାବା ଆଖଣ୍ଡଳମଣି ମନ୍ଦିର ପରିକ୍ରମା କରିବା ସହ ବିଭିନ୍ନ ଶୈବାପୀଠ ଅଭିମୁଖେ ବୋଲବମ ହର ହର ବମ ଏପରିକି ମହାଦେବ ଙ୍କ ବିଭିନ୍ନ ନାରାଡେଇ ପ୍ରସ୍ଥାନ କରିଥିବା ଦେଖିବାକୁ ମିଳିଥିଲା । ଯାହାକୁନେଇ ସ୍ଥାନୀୟ ଅଞ୍ଚଳ ରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ବାବା ଆଖଣ୍ଡଳମଣି ବୋଲବମ ପରିଚାଳନା କମିଟି ପକ୍ଷରୁ ଶ୍ରଦ୍ଧାଳୁ ମାନଙ୍କ ପାଇଁ ସୁବ୍ୟବସ୍ଥା କରାଯାଥିଲା ।

# ସମୁଦ୍ରରେ ବୁଡି ୮ ବର୍ଷର ଶିଶୁ ମୃତ

ଗଞ୍ଜାମ,୩।୮ :(ମନ୍ଥନ)ଗଞ୍ଜାମ ବ୍ଲକ ଅନ୍ତର୍ଗତ ରମ୍ଭା ଥାନା ଅଧିନସ୍ଥ ନୂଆଁ ପୋଡ଼ମପେଟା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ସମୁଦ୍ରରେ ବୁଡି ଏକ ୮ ବର୍ଷର ଶିଶୁ ମୃତ୍ୟୁ ହୋଇଥିବା ଫଳରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ମୃତକ ଜଣଙ୍କ ହେଲେ ଏମ. ଗୁରେୟାଙ୍କ ପୁତ୍ର ଏମ. ଶିବ । ଖବର ନେବାରେ ଜଣା ପଡ଼ିଛି ସେ ନିଜ ଅଜାଙ୍କ ସହ ସମୁଦ୍ର କୂଳକୁ ବୁଲି ଯାଇଥିଲେ । କୁଳ ନିକଟରେ ସାଙ୍ଗ ମାନଙ୍କ ସହ ଖେଳୁ ଥିବା ବେଳେ ଅଜା ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ସହ ମିଶି କଥାବାର୍ତ୍ତା କରୁଥିଲେ । ଏତିକି ବେଳେ ଶିବ ସମୁଦ୍ର ରେ ଗାଧୋଇବା ବେଳେ ଉଚ୍ଚ ଲହଡି ଯୋଗୁଁ ସମୁଦ୍ର ଜଳରେ ବୁଡି ଯାଇଥିଲେ । ତାଙ୍କୁ ସମୁଦ୍ର କୂଳରେ ରହିଥିବା ସାମୁଦ୍ରିକ ମସ୍ତଜୀବୀ ମାନେ ଉଧାର କରି ୧୦୮ ଆମ୍ବୁଲାନ୍ସ କୁ ଖବର ଦେଇଥିଲେ । ଛତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ପାଞ୍ଚ ଜିଲ୍ଲାର କିଷାନ କଂଗ୍ରେସ ନେତୃବୃନ୍ଦଙ୍କୁ ନେଇ ଫୁଲନଖରାରେ ପ୍ରସ୍ତୁତି ବୈଠକ

ଫୁଲନଖରା,୩।୮ :(ମନ୍ଥନ)କଟକ ଜିଲ୍ଲା କିଷାନ କଂଗ୍ରେସ କମିଟି ପକ୍ଷରୁ ଆସନ୍ତା ରାଜ୍ୟସ୍ତରୀୟ କିଷାନ ସମ୍ମିଳନୀକୁ ଦୃଷ୍ଟିରେ ରଖି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ଓ ଆଲୋଚନା ବୈଠକ ଫୁଲନଖରାସ୍ଥିତ ପବିତ୍ର ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବ ପୀଠ ପ୍ରାଙ୍ଗଣରେ ଗତ ୨ ଅଗଷ୍ଟ ୨୦୨୬ ତାରିଖରେ ଅନୁଷ୍ଠିତ ହୋଇଥିଲା। କଟକ ଜିଲ୍ଲା କିଷାନ କଂଗ୍ରେସ କମିଟିର ଉପଦେଷ୍ଟା ତଥା ବରିଷ୍ଠ କଂଗ୍ରେସ କର୍ମୀ ଶ୍ରୀ ଗଣେଶ ପ୍ରସାଦ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ କଟକ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଜିଲ୍ଲାର ବରିଷ୍ଠ କିଷାନ କଂଗ୍ରେସ ନେତୃବୃନ୍ଦ ଯୋଗଦେଇ ରାଜ୍ୟ ସମ୍ମିଳନୀର ସଫଳ ଆୟୋଜନ ସହିତ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ କିଷାନ କଂଗ୍ରେସର ସଭାପତି ଶ୍ରୀ ଅଭୟ ସାହୁ ବର୍ତ୍ତମାନ ସମୟରେ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, କୃଷି ଉତ୍ପାଦନର ବୃଦ୍ଧି, ନ୍ୟାୟସଙ୍ଗତ ଫସଲ ଦର, ଜଳସେଚନ, ସାର ଓ ବିହନ ଯୋଗାଣ ସମେତ କୃଷକ କଲ୍ୟାଣ ସମ୍ପର୍କିତ ଅନେକ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଚାଷୀଙ୍କ ଅଧିକାର ସୁରକ୍ଷା ଓ ସେମାନଙ୍କ ନ୍ୟାୟସଙ୍ଗତ ଦାବି ହାସଲ ପାଇଁ କିଷାନ କଂଗ୍ରେସ ଆଗାମୀ ଦିନରେ ଅଧିକ ସଶକ୍ତ ଓ ସଂଗଠିତ ଭୂମିକା ଗ୍ରହଣ କରିବ। କଟକ ଜିଲ୍ଲା କିଷାନ କଂଗ୍ରେସ କମିଟିର ସଭାପତି ଶ୍ରୀ ନିମାଇଁ ରାଉତରାୟ ସମସ୍ତ ଅତିଥି ଓ ପ୍ରତିନିଧିଙ୍କୁ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ କୃଷକମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଗାମୀ ଦିନରେ ସଂଗଠନ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି କହିଥିଲେ। ଚାଷୀଙ୍କ ନ୍ୟାୟସଙ୍ଗତ ଅଧିକାର ହାସଲ ପାଇଁ ସେ ସମସ୍ତ କର୍ମୀ ଓ ନେତୃବୃନ୍ଦଙ୍କୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶ୍ରୀ କାର୍ତ୍ତିକ ବରାଳ, ଶ୍ରୀ ବିପ୍ରବର ସାହୁ, ଶ୍ରୀ ବିଭୂତି ଲେଙ୍କାଙ୍କ ସମେତ ବହୁ ବରିଷ୍ଠ କିଷାନ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ରହି ନିଜ ନିଜ ମତାମତ ରଖିଥିଲେ। ସମସ୍ତେ ଚାଷୀ ସମାଜର ସ୍ୱାର୍ଥରକ୍ଷା, କୃଷକଙ୍କ ସମସ୍ୟାର ସମାଧାନ ଓ ସଂଗଠନକୁ ଅଧିକ ସୁଦୃଢ଼ କରିବା ଦିଗରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଆସନ୍ତା ରାଜ୍ୟ କିଷାନ ସମ୍ମିଳନୀର ସଫଳ ଆୟୋଜନ ପାଇଁ ସଂଗଠନର କାର୍ଯ୍ୟକ୍ରମ, ସଦସ୍ୟ ସମନ୍ୱୟ, ଚାଷୀଙ୍କ ଅଧିକ ସଂପୃକ୍ତି ଏବଂ ସଂଗଠନକୁ ଗ୍ରାମାଞ୍ଚଳ ସ୍ତରରେ ଅଧିକ ସକ୍ରିୟ କରିବା ନେଇ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା ଓ ସେମାନଙ୍କ ନ୍ୟାୟସଙ୍ଗତ ଦାବି ପୂରଣ ପାଇଁ କିଷାନ କଂଗ୍ରେସ ସଂଗଠିତ ଭାବେ ଲଢେଇ ଜାରି ରଖିବ ବୋଲି ବୈଠକରେ ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଥିଲା। ଶେଷରେ ଶ୍ରୀ ଗଣେଶ ପ୍ରସାଦ ଦାଶ ସମସ୍ତ ଅତିଥି, ନେତୃବୃନ୍ଦ ଓ ଉପସ୍ଥିତ କର୍ମୀମାନଙ୍କୁ ଧନ୍ୟବାଦ ଜଣାଇ ବୈଠକର ସମାପ୍ତି ଘୋଷଣା କରିଥିଲେ।

# ବିକଶିତ ଓ ଦାଦନମୁକ୍ତ କନ୍ଧମାଳ ଗଠନ ଉପରେ ଆଲୋଚନାଚକ୍ର

କନ୍ଧମାଳ,୩।୮ :(ମନ୍ଥନ) କନ୍ଧମାଳ ଜିଲ୍ଲାରେ କାମଧନ୍ଦାର ଅଭାବ ଏବଂ ଅଧିକ ରୋଜଗାରର ଆଶାରେ ପରିବାର ପ୍ରତିପୋଷଣ ପାଇଁ ବହୁ ଯୁବକ-ଯୁବତୀ ଦାଦନ ଖଟିବାକୁ କେରଳ ଓ ତାମିଲନାଡୁ ସମେତ ବିଭିନ୍ନ ରାଜ୍ୟକୁ ଯାଉଛନ୍ତି। ରାଇକିଆ ଓ ଦାରିଙ୍ଗବାଡ଼ିରୁ ପ୍ରତି ସପ୍ତାହରେ ଶ୍ରମିକ ବୋଝେଇ ବସ ଦକ୍ଷିଣ ଭାରତ ଅଭିମୁଖେ ଯାତ୍ରା କରୁଥିବା ବେଳେ, ପ୍ରତିମାସରେ ଜଣେ କିମ୍ବା ଦୁଇଜଣ ଶ୍ରମିକଙ୍କ ମୃତ୍ୟୁ ଘଟୁଥିବା ଏବଂ ପଞ୍ଜୀକରଣ ନ ଥିବାରୁ ମୃତଦେହ ଆଣିବାରେ ପରିବାର ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଥିବା ପ୍ରସଙ୍ଗ ଉଠିଥିଲା।ଏହି ପରିପ୍ରେକ୍ଷୀରେ ଜି. ଉଦୟଗିରି ସୋସିଆଲ ୱାର୍କର୍ସ ଆସୋସିଏସନ, କନ୍ଧମାଳ (ସ୍ୱାକ) ପକ୍ଷରୁ ବିଜୁ କଲ୍ୟାଣ ମଣ୍ଡପ, ଜି. ଉଦୟଗିରିଠାରେ ଅମନ ନାୟକଙ୍କ ସଭାପତିତ୍ୱରେ "ବିକଶିତ କନ୍ଧମାଳ ଓ ଦାଦନମୁକ୍ତ କନ୍ଧମାଳ" ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ସଂଗଠନର ସମ୍ପାଦକ ହୃଷିକେଶ ପ୍ରଧାନ ପ୍ରାରମ୍ଭିକ ବିବରଣୀ ରଖିଥିବା ବେଳେ ଉପଦେଷ୍ଟା ସମୀର ପାଢ଼ୀ ଦାଦନ ସମସ୍ୟାର କାରଣ ଓ ଏହାର ସ୍ଥାୟୀ ସମାଧାନ ସମ୍ପର୍କରେ ମତ ରଖିଥିଲେ।ଆଲୋଚନାଚକ୍ରରେ ଜିଲ୍ଲାର ୧୨ଟି ବ୍ଲକର ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧି, ପଞ୍ଚାୟତ ରାଜ ପ୍ରତିନିଧି, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଦାଦନ ଯାଇଥିବା ଶ୍ରମିକମାନେ ଯୋଗଦେଇ ନିଜ ଅନୁଭୂତି ଓ ମତାମତ ପ୍ରକାଶ କରିଥିଲେ। ଭାରତୀୟ ମଜଦୂର ସଂଘର ଜିଲ୍ଲା ସଭାପତି ତଥା ସାମାଜିକ କର୍ମୀ ଅଶୋକ ପରିଡ଼ା, ସାମ୍ବାଦିକ ସନ୍ତୋଷ କୁମାର ଦିଗାଲ, ସନ୍ତୋଷ ଦାସ, ଅରୁଣ ଷଡ଼ଙ୍ଗୀ, ସୀମାଞ୍ଚଳ ବେହେରା, ମାନସ ସେଠ, କୈଳାଶ ଚନ୍ଦ୍ର ଦନ୍ତପାଟ, ନିରଞ୍ଜନ ମିଶ୍ର, ପ୍ରଶାନ୍ତ ପ୍ରଧାନ, ପୂର୍ବତନ ମହିଳା କମିଶନ ସଦସ୍ୟା ଜାଲିନା ପ୍ରିୟଦର୍ଶିନୀ, ପ୍ରଦୀପ ଦାସ, ଜିଆଉଦ୍ଦିନ ଅହମଦ ପ୍ରମୁଖ ମତାମତ ରଖିଥିଲେ।ବକ୍ତାମାନେ କହିଥିଲେ ଯେ, କନ୍ଧମାଳକୁ ଦାଦନମୁକ୍ତ କରିବା ପାଇଁ ସ୍ଥାନୀୟ ସମ୍ବଳ ଆଧାରିତ କୃଷି, ପ୍ରାଣୀପାଳନ, ଲଘୁ ବନଜାତ ଶିଳ୍ପ, ଉଦ୍ୟାନ କୃଷି, ହଳଦୀ-ଅଦା ପ୍ରସେସିଂ, ବାଉଁଶ, ସିଲେଇ ଓ ଅନ୍ୟାନ୍ୟ କୁଟିର ଶିଳ୍ପକୁ ପ୍ରୋତ୍ସାହନ ଦେବା ଆବଶ୍ୟକ। ଏଥିସହିତ ଜଳସେଚନ, ଜଳ ସଂରକ୍ଷଣ, ଯୁବକମାନଙ୍କୁ ଉଦ୍‌ଯୋଗୀ କରିବା, ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା, ସମୟୋପଯୋଗୀ ପ୍ରଶିକ୍ଷଣ, ଆର୍ଥିକ ସହାୟତା ଓ ବଜାର ସୁବିଧା ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା।ପ୍ରତ୍ୟେକ ବ୍ଲକର ଦାଦନ ଶ୍ରମିକଙ୍କ ଡାଟାବେସ ପ୍ରସ୍ତୁତ କରିବା, ଶ୍ରମିକଙ୍କ ପଞ୍ଜୀକରଣକୁ ବାଧ୍ୟତାମୂଳକ କରିବା, ନିଯୁକ୍ତିଦାତାଙ୍କ ସମ୍ପୂର୍ଣ୍ଣ ବିବରଣୀ ଶ୍ରମ ବିଭାଗ ପୋର୍ଟାଲରେ ଉପଲବ୍ଧ ରଖିବା ଏବଂ ଶ୍ରମିକ କଲ୍ୟାଣ ଯୋଜନାର ଲାଭ ସ୍ୱଚ୍ଛତାର ସହ ହିତାଧିକାରୀଙ୍କ ନିକଟକୁ ପହଞ୍ଚାଇବା ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଥିଲା।ସେହିପରି ଜିଲ୍ଲାସ୍ତରରେ ତୃତୀୟ ଓ ଚତୁର୍ଥ ଶ୍ରେଣୀର ଚାକିରି ଏବଂ ଠିକା ଶ୍ରମିକ ନିଯୁକ୍ତିରେ ସ୍ଥାନୀୟଙ୍କୁ ଅଗ୍ରାଧିକାର, ସହରାଞ୍ଚଳରେ ଅଧିକ ଭେଣ୍ଡିଂ ଜୋନ୍ ସୃଷ୍ଟି, ନିୟମିତ ବଜାର ବ୍ୟବସ୍ଥା ଏବଂ ମନରେଗାରେ ସମାନ କାମକୁ ସମାନ ମଜୁରୀ ଓ ସମୟମତେ ମଜୁରୀ ପ୍ରଦାନ ନେଇ ପ୍ରଶାସନ ସହ ଆଲୋଚନା କରିବାକୁ ସଭାରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ଅନୁଗୋଳ ,୩।୮ :(ମନ୍ଥନ)ସ୍ଥାନୀୟ ଗାନ୍ଧିମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ମେଳାକୁ ବନ୍ତଳା ଶ୍ରୀ ଚନ୍ଦ୍ରଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସର ପ୍ରାପ୍ତ ଅଧକ୍ଷ କେଶବ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କୁ ବିଜ୍ଞାନ ମନସ୍କତା ହେବା ସହିତ ଦୈନନ୍ଦିନ ଜୀବନରେ ବିଜ୍ଞାନର ସଦୁପଯୋଗ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଭାପତି ଡାକ୍ତର ସୁଧାକର ପାଲ, ଉପସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ଯୁଗ୍ମ ସଂପାଦକ ପ୍ରକାଶ କୁମାର ସାହୁ, ସଦସ୍ୟା ବୁଲୁ ବେହେରା , ଯୁକ୍ତ ଦୁଇ ଅଧକ୍ଷ ସିଦ୍ଧନାଥ ସାହୁ, ସହ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କୁନି ବିଜ୍ଞାନୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ଅତିଥିଙ୍କ ପରିଚୟ ସହିତ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ଶିଶୁ, ବାଲ୍, କିଶୋର ଓ ତରୁଣ ବର୍ଗର ମୋଟ ୬୧୮ ଟି ବିଜ୍ଞାନ ଓ ଗଣିତ ପ୍ରକଳ୍ପ ମେଳାରେ ପ୍ରଦର୍ଶିତ ହୋଇଥିଲା। ବିଚାରକଙ୍କ ଦ୍ୱାରା ମୂଲ୍ୟାୟନ କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶିଶୁଙ୍କୁ ପୁରସ୍କୃତ କରିବା ସହିତ ଆଗାମୀ ସଙ୍କୁଳ ବିଜ୍ଞାନ ମେଳାରେ ଭାଗ ନେବା ପାଇଁ ଚୟନ କରାଯାଇଥିଲା। ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ସୌଦାମିନୀ ସାହୁ ତଥା ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ ମେଳା ସଫଳ ହୋଇଥିଲା। ବରିଷ୍ଠ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ନାଥ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



ମଙ୍ଗଳବାର ୦୪ ଅଗଷ୍ଟ, ୨୦୨୬, ଭୁବନେଶ୍ୱର
Tuesday 04 August, 2026, Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ରାଜଧାନୀରେ ଦୁର୍ଘଟଣା

ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ରାଜ୍ୟରେ ଯାନବାହନ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। କିନ୍ତୁ ସେହି ଅନୁଯାୟୀ ସୁରକ୍ଷିତ ଯାତାୟତ ନିମନ୍ତେ ସଡ଼କ ବ୍ୟବସ୍ଥା ହୋଇନାହିଁ। ଫଳରେ ସଡ଼କ ଦୁର୍ଘଟଣା ଉଦବେଗଜନକ ଭାବେ ବଢ଼ିଚାଲିଛି। ଅନେକ ସ୍ଥାନରେ ରାସ୍ତା ଉପରେ ଗାଡ଼ି ପାର୍କିଂ ହେଉଛି, ରାସ୍ତାକୁ ଜବର ଦଖଲ କରି ଦୋକାନ ର ନିର୍ମାଣ ହେଉଛି। ଏହାକୁ ରୋକିବା ଲାଗି ବା ପ୍ରତିକାର ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯାଉନି। ତେଣୁ ରାସ୍ତା ସଂକୀର୍ଣ୍ଣ ହୋଇଯାଉଛି। ଅନେକ ସମୟରେ ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ଏବଂ ମାଟି ଗଦା ହୋଇ ପଡୁଛି। ଏହାର ତତ୍କାଳ ସମାଧାନ ନାହିଁ। ସ୍ଥାନୀୟ ପୋଲିସ ବା ପୌରସଂସ୍ଥା ନିଦା ବିଷ୍ଣୁ ପରି ବସି ରହୁଛି। ଯଦି କେହି ପ୍ରଭାବଶାଳି ବ୍ୟକ୍ତି ଏପରି କରୁଛନ୍ତି, ତେବେ ପୋଲିସ ସବୁ ଦେଖି କିଛି ନଦେଖିଲା ପରି ରହୁଛି। ସୁରକ୍ଷିତ ଗାଡ଼ି ଚଳାଚଳ ପାଇଁ ରାତିରେ ରାସ୍ତାରେ ଆଲୋକ ବ୍ୟବସ୍ଥା ହେବା ଉଚିତ। କିନ୍ତୁ ରାଜଧାନୀ ଭୁବନେଶ୍ୱରରେ ଏହାର ଘୋର ଅଭାବ। ଉଦାହରଣ ସ୍ୱରୂପ କଳ୍ପନା ଛକରୁ ରସୁଲଗଡ଼ ଛକ ପର୍ଯ୍ୟନ୍ତ ଯାଇଥିବା କଟକ ରୋଡରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନାହିଁ। ରାତିରେ ଅଧା ଲାଇଟ ଜଳୁଛି ତ ଅଧା ଅନ୍ଧାରରେ। ରାସ୍ତା ପାର୍ଶ୍ୱରେ କାମ ହେଉଛଇ, ମାଟି ଖୋଳାଯାଇ ରାସ୍ତା ଉପରେ ପଡୁଛି। ଅନ୍ଧାରରେ ଗାଡ଼ି ରାସ୍ତା ପାର୍ଶ୍ୱ ଖାତରେ ପଡ଼ିଯିବା ବା ମାଟିରେ ଚଢ଼ିଯାଇ ଦୁର୍ଘଟଣାଗ୍ରସ୍ତ ହେବାର ଆଶଙ୍କା ରହିଛି। ଏଥିପ୍ରତି କେହି ଉତ୍ତରଦାୟିତ୍ୱ ନେବା ଦେଖାଯାଉନି। ସବୁଠାରୁ ବଡ଼ କଥା ହେଲା ରାସ୍ତାରେ ଅତି ଦ୍ରୁତ ଗତିରେ ଗାଡ଼ି ଚାଳନା କରିବା ଏବଂ ଭୁଲ ପାର୍ଶ୍ୱ ଅର୍ଥାତ ରାସ୍ତାରେ ଡାହାଣ ପଟେ ଗାଡ଼ି ଚଳାଇବା। କିଛି ତଥାକଥିତ ଶିକ୍ଷିତ, ସ୍ୱଚ୍ଛଳ ପରିବାରର ଯୁବକମାନେ ରାଜଧାନୀରେ ନିଜ ବାହାଦୁରୀ ଦେଖାଇବା ନିମନ୍ତେ କଳା ପଇସାରେ କିଣାଯାଇଥିବା ଦାମୀ ଗାଡ଼ିକୁ ଅତି ଦ୍ରୁତ ଗତିରେ ଚଳାଉଛନ୍ତି, ବିକଟାଳ ଶବ୍ଦ କରୁଛନ୍ତି, ଆଉ ପ୍ରଚୁର ମଦ୍ୟପାନ କରି ବେପରୁଆ ଭାବେ ଗାଡ଼ି ଚଳାଇ ଜୀବନହାନୀର କାରଣ ସାଜୁଛନ୍ତି। ସେମାନଙ୍କ ପାଇଁ ଆଇନ ଅନ୍ଧ। ପୋଲିସ ସେମାନଙ୍କ ପଦ ଲେହନ କରୁଛି। ଯାହା ବି କାର୍ଯ୍ୟାନୁଷ୍ଠାନ ନିଆ ଯାଉଛି ତାହା କେବଳ ଧର୍ମକୁ ଆଖିଠାର ସଦୃଶ। ଏଥିପାଇଁ ରାଜଧାନୀ ଭୁବନେଶ୍ୱର ଏବେ ଦୁର୍ଘଟଣାର ସହର ପାଲଟିଛି। ଏଥିପାଇଁ ଆମ ବ୍ୟବସ୍ଥା, ପୋଲିସ, ପରିବହନ ବିଭାଗ ଯେତିକି ଦାୟୀ ଆମେ ସାଧାରଣ ଲୋକେ ମଧ୍ୟ ସେତିକି ଦାୟୀ। ପିଲାବେଳକୁ ପଢ଼ିଆସୁଛୁ ରାସ୍ତାର ବାମପଟେ ସବୁ ବେଳେଚାଲିବ ଏବଂ ଗାଡ଼ି ଚଳାଇବ। ଏହା ଏକ ସର୍ବନିମ୍ନ ସଡ଼କ ନିୟମ। କିନ୍ତୁ ଆମ ଭିତରୁ ଅନେକ ଉଚ୍ଚଶିକ୍ଷିତ ହୋଇ ମଧ୍ୟ ଏହାକୁ ମାନୁ ନାହାଁନ୍ତି, ଅନ୍ୟକୁ ଉପଦେଶ ଦେଉଛନ୍ତି। ଏହା ସଡ଼କ ଦୁର୍ଘଟଣାର ଏକ ପ୍ରମୁଖ କାରଣ। କଟକ ରୋଡ ହେଉ ଅଥବା ଜନପଥ ହେଉ ସବୁଠି, ସବୁ ରାସ୍ତାରେ କିଛି ଲୋକ ଭୁଲ ପାର୍ଶ୍ୱରେ ଗାଡ଼ି ଚଳାଇ ଦୁର୍ଘଟଣାର କାରଣ ସାଜୁଛନ୍ତି। ଏମାନେ ସମସ୍ତେ ତଥାକଥିତ ଶିକ୍ଷିତ, କିନ୍ତୁ ସଚେତନ ନୁହଁନ୍ତି। ଏମାନଙ୍କ ପ୍ରତି ଆଇନ ଆଖି ବୁଜି ଦେଇଛି। ସେମାନଙ୍କୁ ପୋଲିସ ଅଟକାଇ ଦଣ୍ଡବିଧାନ କରିବା ଉଚିତ। କିନ୍ତୁ କାହିଁକି ପୋଲିସ ଏଥିପ୍ରତି ଉଦାସୀନ ତାହା ବିସ୍ମୟଜନକ। ଯଦି ଏଥିଲାଗି ପର୍ଯ୍ୟାପ୍ତ ପୋଲିସ ବ୍ୟବସ୍ଥା ନାହିଁ, ତେବେ ସରକାର ଏଥିଲାଗି ପୋଲିସ ବିଭାଗରେ ନୂତନ ନିଯୁକ୍ତି ପ୍ରଦାନ କରନ୍ତୁ। ଆଉ ଦିନ ରାତି ୨୪ ଘଣ୍ଟା ରାଜଧାନୀର ସବୁ ରାସ୍ତାରେ ପୋଲିସ ପାଟ୍ରୋଲିଂ ହେଉ। ଯିଏ ନିୟମ ମାନୁନି, ଅନ୍ୟର ଜୀବନ ହାନିର କାରଣ ସାଜୁଛି, ତାକୁ ଦଣ୍ଡିତ କରାଯିବା ଉଚିତ। ଆଉ ଯୁବପୀଢ଼ୀ ବା ଛାତ୍ରଛାତ୍ରୀମାନଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ ଏବଂ ତାଲିମ ପ୍ରଦାନ କରାଯିବା ଉଚିତ। ରାସ୍ତାରେ ଏଭଳି ଜୀବନ ଚାଲିଯିବା ଏକ ଅତ୍ୟନ୍ତ ଦୁଃଖଦ ଏବଂ ଦୁର୍ଭାଗ୍ୟଜନକ ଘଟଣା। ଏହାକୁ ହାଲୁକା ଭାବେ ନନେଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ନିକଟରେ ଶାସ୍ତ୍ରୀନଗର ଛକରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ନିରୀହ, ନିରପରାଧ ବ୍ୟକ୍ତିଙ୍କ ଜୀବନ କାର ଧକ୍କାରେ ଚାଲିଗଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ଉଚ୍ଛନ୍ନ ହୋଇଗଲା। କାର ଚାଳକ ଜଣକ ପ୍ରଚୁର ମଦ୍ୟପାନ କରି ବେପରୁଆ ଭାବେ ଗାଡ଼ି ଚଳାଉଥିଲେ। ଗୋଟିଏ ବାକ୍ୟରେ କହିଲେ ସେ ଜଣେ ନିରୀହ ବ୍ୟକ୍ତିଙ୍କୁ ବିନା କାରଣରେ ରାସ୍ତା ଉପରେ ହତ୍ୟା କରିଛନ୍ତି। ଦେଖାଯାଉ ଆମ ଆଇନ ବ୍ୟବସ୍ଥାରେ ତାଙ୍କୁ କେତେ ଶୀଘ୍ର ଏବଂ କିଭଳି ଦଣ୍ଡ ମିଳୁଛି। ଯଦି ସମ୍ପୃକ୍ତ ବ୍ୟକ୍ତି ଜଣକ ଆଇନ ଆଖିରେ ଧୂଳି ଦେଇ ଖସି ଚାଲିଯିବାରେ ସଫଳ ହେବେ ତେବେ ଆମ ଆଇନ ବ୍ୟବସ୍ଥାକୁ ଧିକ। ଏହାର ପୁନର୍ବିଚାର ଏବଂ ସଡ଼କ ଦୁର୍ଘଟଣା ରୋକିବାକୁ କଠୋର ଆଇନ ପ୍ରଣୟନ କରାଯିବା ନିହାତି ଜରୁରୀ।

# ମଳମାସ ମନ୍ଦିର ମଳମାସ ଠାକୁର

## ଡକ୍ଟର ତପନ କୁମାର ପାଲ

ବର୍ଷର ବାରମାସର ଅଧିପତି ଦ୍ୱାଦଶ ବିଷ୍ଣୁ। ମଳମାସ ବର୍ଷର ତ୍ରୟୋଦଶ ମାସ। ପୌରାଣିକ ପ୍ରସଙ୍ଗ ଅନୁସାରେ, ଏହି ମାସର କୌଣସି ନାମ ନଥିବାରୁ ଏବଂ ଏହାର କେହି ଅଧିପତି ମଧ୍ୟ ନଥିବାରୁ ଏହି ମାସ ଅପିବତ୍ର ଥିଲା। ତେଣୁ ମଳମାସର ଅନୁରୋଧ ରକ୍ଷା କରି ଭଗବାନ ବିଷ୍ଣୁ ତାହାକୁ ନିଜର ନାମ ଦେଇଥିଲେ। ସେହିଦିନ ଠାରୁ ମଳମାସ ଶ୍ରୀପୁରୁଷୋତ୍ତମ ମାସ ହେଲା। ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଭିତର ବେଢ଼ାରେ କଳ୍ପବଟ ମୂଳ ଠାରେ ଅଛି ମଳମାସ ଠାକୁରଙ୍କ ମନ୍ଦିର। ଏହା ବଟମୂଳ ମଙ୍ଗଳାଙ୍କର ପ୍ରାୟ ସମ୍ମୁଖ ଭାଗରେ ଅବସ୍ଥିତ। ଏହି ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଶ୍ରୀଲୋକନାଥ ଦେବଙ୍କ ମନ୍ଦିର ଏବଂ ବାମ ପାର୍ଶ୍ୱରେ ଶ୍ରୀଜମେଶ୍ୱର ଦେବଙ୍କ ମନ୍ଦିର ବିଦ୍ୟମାନ। ଏହି ମନ୍ଦିରର ଉଚ୍ଚତା ପ୍ରାୟ ୧୧ ଫୁଟ। ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଏହାକୁ ବରାହନାରାୟଣ ମନ୍ଦିର କୁହାଯାଇଥିଲେ ମଧ୍ୟ ଲୋକମୁଖରେ ଏହା ଶ୍ରୀପୁରୁଷୋତ୍ତମ ମନ୍ଦିର ବା ଶ୍ରୀମଳମାସ ନାରାୟଣ ମନ୍ଦିର ଭାବରେ କଥିତ।

ଏହି ମନ୍ଦିରକୁ ସ୍ୱତ୍ୱଲିପିରେ ବରାହନାରାୟଣ ମନ୍ଦିର କୁହାଯିବାର କାରଣ, ଏହି ମନ୍ଦିରରେ ନାରାୟଣଙ୍କ ସହିତ ବରାହ ଅବତାରଙ୍କର ବିଗ୍ରହ ମଧ୍ୟ ପୂଜିତ ହୋଇଥାଆନ୍ତି। ତେବେ ବରାହ ଓ ନାରାୟଣ ଉଭୟ ଏଠାରେ ଏକତ୍ର ପୂଜିତ ହେବାର କାରଣ ଜଣାଯାଏ ନାହିଁ। ଏହି ମନ୍ଦିରର ଶ୍ରୀ ନାରାୟଣ ମୂର୍ତ୍ତି ସ୍ୱତନ୍ତ୍ର। ଏହି ମୂର୍ତ୍ତି ଚତୁର୍ଭୁଜ ଏବଂ ଧ୍ୟାନମୁଦ୍ରାରେ ସୁଖାସୀନ ହୋଇ ପଦ୍ମଦଳ ଉପରେ ଉପବେଶନ କରିଛନ୍ତି। ଏହାଙ୍କର ଉର୍ଦ୍ଧ୍ୱ ଦକ୍ଷିଣ ହସ୍ତରେ ଚକ୍ର ଓ ଉର୍ଦ୍ଧ୍ୱ ବାମ ହସ୍ତରେ ଶଙ୍ଖ ବିଦ୍ୟମାନ। ନିମ୍ନ ଦୁଇ ହସ୍ତ ମଧ୍ୟରୁ ବାମ ହସ୍ତର ପାପୁଲି ଉପରେ ଦକ୍ଷିଣ ହସ୍ତର ପାପୁଲି ରହିଛି।

ତାହାଙ୍କର ଚକ୍ଷୁ ଅର୍ଦ୍ଧନିମୀଳିତ। ଏହି ବିଗ୍ରହଙ୍କର ଦୁଇପାର୍ଶ୍ୱରେ ବିଭିନ୍ନ ଅବତାରଙ୍କର ପର୍ଯ୍ୟନ୍ତ ଯଥାକ୍ରମେ ମତ୍ସ୍ୟ, କଚ୍ଛପ, ବରାହ ଓ ନୃସିଂହ ଅବତାର ଏବଂ ବାମ ଭାଗରେ ଉର୍ଦ୍ଧ୍ୱରୁ ନିମ୍ନ ପର୍ଯ୍ୟନ୍ତ ଯଥାକ୍ରମେ ବାମନ, ପର୍ଶୁରାମ, ବଳରାମ ଓ ରାମଙ୍କ ଅବତାର ରହିଛନ୍ତି। କେତେକ ପ୍ରବାଚକ ଏହି ବିଗ୍ରହଙ୍କର ଆଲୋଚନା କରି ଏହାକୁ ନବମ ଅବତାର ବୁଦ୍ଧଙ୍କ ସହ ସମନ୍ୱିତ କରି ଶ୍ରୀଜଗନ୍ନାଥ ହିଁ ବୋଧାତ୍ମକ ବୁଦ୍ଧ ବୋଲି କହିଲେ ମଧ୍ୟ ପ୍ରକୃତରେ ଏହା ଯୋଗେଶ୍ୱର ବିଷ୍ଣୁଙ୍କର ମୂର୍ତ୍ତି। ଏହି ମୂର୍ତ୍ତି ସମଗ୍ର ଭାରତ ବର୍ଷରେ ବିରଳ। ଏଣୁ ଏହି ବିରଳ ଯୋଗେଶ୍ୱର ନାରାୟଣ ମୂର୍ତ୍ତିଙ୍କୁ ମଳମାସର ଅଧିପତି ଶ୍ରୀପୁରୁଷୋତ୍ତମ ବା ମଳମାସ ନାରାୟଣ ରୂପେ ପୂଜା କରାଯିବ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩

# ବର୍ଷା ଋତୁ, ଲିଭର ଓ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଚଳିତ ମୌସୁମୀ ବର୍ଷାର ଅସ୍ୱାସ୍ଥ୍ୟକର ଚିତ୍ର ମୁମ୍ବାଇ ଓ ଭାରତର କିଛି ମହାନଗରୀରରେ ଏକ ଜଟିଳ ସ୍ୱାସ୍ଥ୍ୟ ସଂକ୍ରମଣକୁ ସୃଷ୍ଟି କରିଛି। ଗଣମାଧ୍ୟମର ଖବର ଅନୁଯାୟୀ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଏହି ସଂକ୍ରମଣରେ ଲେପ୍ଟୋସ୍ପାଇରୋସିସର ପ୍ରଭାବୀ ଭୂମିକା ସମ୍ପର୍କରେ ତଥ୍ୟ ରଖିଛନ୍ତି। ସାଧାରଣତଃ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ ହେଉଛି ଏକ ବ୍ୟାକ୍ଟରିଆ ଜନିତ ରୋଗ ଯାହାକି ପ୍ରାୟତଃ ବର୍ଷା ଦିନରେ ହିଁ ଏହାର ଭୟଙ୍କର ରୂପ ଦେଖାଇଥାଏ। ଯେତେବେଳେ ଜଣେ ମୂଷାର ପରିସ୍ରା ଦ୍ୱାରା ଦୂଷିତ ପାଣି କିମ୍ବା ମାଟି ସଂସ୍ପର୍ଶରେ ଆସିଥାଏ ସେତେବେଳେ ଏହି ରୋଗକୁ ସାମ୍ନା କରିଥାଏ। ପୃଥିବୀ ବିଖ୍ୟାତ ଗବେଷଣାଭିତ୍ତିକ ସ୍ୱାସ୍ଥ୍ୟ ପତ୍ରିକା 'ଲାନସେଟ୍' ଏହାର ଚଳିତ ଜୁଲାଇ ସଂଖ୍ୟାରେ ଏହି ରୋଗ ସମ୍ପର୍କରେ ବିଶେଷ ଭାବରେ ଉଲ୍ଲେଖ କରିଛି। ବିଶ୍ୱର ସବୁଠାରୁ ଘାତକ ଓ ସଂକ୍ରମଣ ଜୁନୋଟିକ୍ ରୋଗ ଭିତରୁ ଏହା ଅନ୍ୟତମ। ଏହି ରୋଗର ଭୟାବହତା ବିଶେଷକରି ପ୍ରବଳ ବର୍ଷା ଓ ବନ୍ୟା ସମୟରେ ଜନସ୍ୱାସ୍ଥ୍ୟ କ୍ଷେତ୍ରର ବଡ଼ ସମସ୍ୟା ଭାବରେ ସାମ୍ନାକୁ ଆସିଥାଏ। ଉଦବେଗଜନକ ତଥ୍ୟ ହେଉଛି ପ୍ରାରମ୍ଭିକ ସମୟରେ ଅନେକ ଏହାକୁ ଚିହ୍ନଟ କରିପାରିନଥାନ୍ତି। ଯାହାକି ପରବର୍ତ୍ତୀ ସମୟରେ ଏକ ସାଂଘାତିକ ରୂପ ଦେଖାଇଥାଏ।

ଲେପ୍ଟୋସ୍ପାଇରା ପ୍ରଜାତିର ବ୍ୟାକ୍ଟେରିଆ ଲେପ୍ଟୋସ୍ପାଇରୋସିସ୍ ଏଥିପାଇଁ ଦାୟୀ। ସେହିପରି ଆମେରିକାର ସେଣ୍ଟର ଫର ଡିଜଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ ଅନୁଯାୟୀ ଦୂଷିତ କାଦୁଅ କିମ୍ବା ଜଳ ସଂସ୍ପର୍ଶରେ ଆସିଲେ ଏହି ବ୍ୟାକ୍ଟେରିଆ ଚର୍ମ, ପାଟି, ଆଖି ଓ ନାକ ଦେଇ ଜଣଙ୍କ ଶରୀରକୁ ପ୍ରବେଶ କରି ସଂକ୍ରମିତ କରିଥାଏ। କେବଳ ମୂଷା ମାନଙ୍କ ସହିତ ନୁହେଁ ଏହି ଘାତକ ଜୀବାଣୁମାନେ କୁକୁର, ଗୋରୁଗାଈ, ଘୁଷୁରୀ ଓ ଚଢ଼େଇ ମାନଙ୍କ ଦ୍ୱାରା ବ୍ୟାପିଥାଏ। ପ୍ରବଳ ବର୍ଷା ହେଉଥିବା ସମୟରେ ଯେଉଁମାନେ ସୁରକ୍ଷିତ ଜୋତା ନପିନ୍ଧି ବନ୍ୟା ପାଣିରେ ଚାଲନ୍ତି ଏପରିକି ସଫେଇ କର୍ମଚାରୀ, ଉଦ୍ଧାରକାରୀ ଦଳ ଓ ଚାଷୀମାନେ ସହଜରେ ଏଭଳି ସଂକ୍ରମଣର ଶିକାର ହୋଇଥାନ୍ତି। ତେବେ ଏହାର ଉଦବେଗଜନକ ଚିତ୍ରଟି ହେଉଛି ଆମେ ଆଲୋଚନା କରୁଥିବା ଲୋପ୍ଟୋସ୍ପାଇରୋସିସର ପ୍ରାରମ୍ଭିକ ଲକ୍ଷଣ ଗୁଡ଼ିକ ପ୍ରାୟତଃ ଇନଫ୍ଲୁଏଞ୍ଜା କିମ୍ବା ଅନ୍ୟ ସାଧାରଣ ଋତୁକାଳୀନ ରୋଗ ଭଳି ଜଣକୁ ଲାଗିଥାଏ। ସାଧାରଣତଃ କେହି ସଂକ୍ରମଣର ପ୍ରାରମ୍ଭିକ ଲକ୍ଷଣ ହେଉଛି ଜଣଙ୍କ ଦେହରେ ଜ୍ୱର ସହିତ ମୁଣ୍ଡବିନ୍ଧା ହୋଇଥାଏ, ମାଂସପେଷୀରେ ଲଗାତର ଯନ୍ତ୍ରଣା ଦେଖାଯାଏ, ଅତ୍ୟଧିକ କ୍ଳାନ୍ତି ଓ ସମଗ୍ର ଦେହ ଘୋଳା ବିନ୍ଧା ଅନୁଭବ ହୁଏ, ଜଣକୁ ଅସ୍ୱାଭାବିକ ଭାବରେ ଶୀତ ଲାଗିଥାଏ ଏବଂ ବେଳେ ବେଳେ କମ୍ପ ଆସିବା ପରି ଅନୁଭବ ହୁଏ, ଖାଦ୍ୟ ଅରୁଚିକର ଲାଗେ, ବାନ୍ତି ଲଗାତର ଭାବେ ଦେଖାଯାଏ ଏବଂ ଝାଡ଼ା ପରିସ୍ରାରେ ସମସ୍ୟା ଦେଖାଯାଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ଏହି ଲେପ୍ଟୋସ୍ପାଇରୋସିସର ସଂକ୍ରମଣର ବର୍ଷା ଋତୁରେ ଜଟିଳତା ହେଉଛି ଏହା ଖାଦ୍ୟ ପରିପାକ ସମସ୍ୟା ଓ ଲିଭରକୁ ଗୁରୁତର ଭାବେ ପ୍ରଭାବିତ କରିଥାଏ। ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଲିଭର, କିଡ୍‌ନୀ, ଫୁସଫୁସ୍ ଓ ମସ୍ତିଷ୍କକୁ ଏହା ପ୍ରଭାବିତ କରିଥାଏ। ଲିଭର ଏହାର ସହଜ ଶିକାର ହୋଇ ଅନବରତ ଭାବେ ପେଟ ଟାଣିବା ପରି ଅନୁଭବ ହୁଏ ଏବଂ ଝାଡ଼ା ଲାଗିଥାଏ କିନ୍ତୁ ଶୌଚାଳୟକୁ ଯିବା ପରେ ଝାଡ଼ା ହୋଇନଥାଏ। ପେଟ ଫାମ୍ପିଲା ପରି ଅନୁଭବ ହୁଏ ଓ କେତେକ କ୍ଷେତ୍ରରେ ଭୋକ ଲାଗିଥାଏ କିନ୍ତୁ ଜଣେ ଖାଦ୍ୟ ଖାଇବା ଆରମ୍ଭ କରିବା ମାତ୍ରେ ତାଙ୍କୁ ବିରକ୍ତିକର ଲାଗେ ଓ ଖାଦ୍ୟ ଅରୁଚିକର ହୋଇଥାଏ। କେତେକ କ୍ଷେତ୍ରରେ ଏହା ପେଟକୁ ଏପରି ସଂକ୍ରମିତ କରିଥାଏ ଯେ ଜଣେ ଖାଦ୍ୟ ନଖାଇବା ଦ୍ୱାରା ତାଙ୍କ ଶରୀରରେ ଜଳୀୟ ଶୁଷ୍କତା ଦେଖାଯାଏ। ଏହାର ଗୁରୁତ୍ୱପୂର୍ଣ୍ଣ ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ଅନେକ କ୍ଷେତ୍ରରେ ଅଭ୍ୟନ୍ତରୀଣ ରକ୍ତସ୍ରାବ, କିଡ୍‌ନୀ ଫେଲ ଓ ମେନିଞ୍ଜାଇଟିସ୍ ଭଳି ସ୍ଥିତି ଦେଖାଇଥାଏ। ତେଣୁ ଏହିପରି ସମସ୍ୟା ସାମ୍ନା କଲାବେଳେ ଜଣେ ଯଦି ଦୂଷିତ ଜଳ, ମାଟି ଓ ପରିବେଶ ସଂସ୍ପର୍ଶରେ ଆସିଥାଏ ତୁରନ୍ତ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ।

ଘାତକ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ ବର୍ଷା ଋତୁରେ ଏହାର ଭୟାନକ ରୂପ ଦେଖାଇଥାଏ। ଯେକୌଣସି ବ୍ୟକ୍ତିଙ୍କୁ ଏହା ହୋଇପାରେ କିନ୍ତୁ ଯେଉଁମାନେ ବାରମ୍ବାର ବନ୍ୟାଜଳ ଓ ଦୂଷିତ ପାଣିରେ ସଂସ୍ପର୍ଶରେ ଆସିଥାନ୍ତି ସେମାନଙ୍କ ପାଇଁ ଏହା ବିପଦ ସାବ୍ୟସ୍ତ ହୋଇଥାଏ। ଏହା ବ୍ୟତୀତ ଯେଉଁମାନଙ୍କ ଚର୍ମରେ କଟା ଚିହ୍ନ କିମ୍ବା ଦୁର୍ବଳ ପ୍ରତିରୋଧକ ଶକ୍ତି ଥାଏ ସେମାନେ ମଧ୍ୟ ଏହାର ସହଜରେ ସଂକ୍ରମିତ ହୋଇଥାନ୍ତି। ପୂର୍ବରୁ କୌଣସି ଲିଭର ସମସ୍ୟା ଥିଲେ ଲେପ୍ଟୋସ୍ପାଇରୋସିସର ସଂକ୍ରମଣ ହେଲେ ଏହା ଜଣଙ୍କ ଶରୀରକୁ ଅତ୍ୟନ୍ତ ଘାତକ ପେଟ ସମସ୍ୟା ପାଇଁ ବଡ଼ ବିପଦ ସୃଷ୍ଟି କରିଥାଏ। ବର୍ଷା ଦିନରେ ପ୍ରାୟତଃ ପରିପାକ ସମସ୍ୟା ଅନେକଙ୍କର ସ୍ୱାଭାବିକ ନଥାଏ। ସେହିପରି ବର୍ଷା ଦିନରେ ବାହାର ଖାଦ୍ୟ ପ୍ରଦୂଷିତ ହେବାର ଅନେକ ସମ୍ଭାବନା ରହିଥାଏ। ତେଣୁ ଏହି ଋତୁରେ ସୁଷମ ଖାଦ୍ୟ ଓ ଭଲ ଭାବରେ ସିଝା ହୋଇଥିବା ଘରୋଇ ପ୍ରସ୍ତୁତ ଖାଦ୍ୟ ଗ୍ରହଣ କରନ୍ତୁ। ବିଶୋଧିତ ପାଣି, ଫୁଟା ପାଣି ସବୁଠାରୁ ଭଲ। ଆମିଷ ଖାଦ୍ୟ, ବଜାରର ଫାଷ୍ଟଫୁଡ, ଫ୍ରିଜରେ ରହୁଥିବା ଖାଦ୍ୟ ଏସବୁ ଠାରୁ ଦୂରେଇ ରହିବା ସବୁଠାରୁ ଭଲ। ଫଳ ଏହି ଋତୁରେ ପରିପାକ ପାଇଁ ଅନେକଙ୍କ ଠାରେ ସ୍ୱାଭାବିକ ହୋଇନଥାଏ। ତେଣୁ ଏହି ସମୟରେ କମ ଫଳ ଖାଇବା ଭଲ। କୌଣସି ପରିସ୍ଥିତିରେ ନିଶାଦ୍ରବ୍ୟ ଗ୍ରହଣ କରନ୍ତୁ ନାହିଁ। ବର୍ଷାକୁ ସାମ୍ନା କରୁଥିଲେ, ଚାଷୀ ମାନଙ୍କ କ୍ଷେତ୍ର ଏବଂ ଦୂଷିତ ବନ୍ୟାଜଳ ସଂସ୍ପର୍ଶରେ ଆସୁଥିବା ଲୋକମାନେ ୱାଟର ପ୍ରୁଭ୍ ବୁଟ ଓ ଗ୍ଲୋଭସ୍ ବ୍ୟବହାର କରିବା ଜରୁରୀ। ହାତକୁ ଭଲ ଭାବରେ ପରିଷ୍କାର ରଖନ୍ତୁ, କୌଣସି ଛୋଟିଆ ମୋଟିଆ କ୍ଷତ ହୋଇଥିଲେ ତୁରନ୍ତ ୱାଟପ୍ରୁପ୍ ବ୍ୟାଣ୍ଡେଜ ଲଗାନ୍ତୁ, ଶୀଘ୍ର ଓଦା ପୋଷାକକୁ ବଦଳାନ୍ତୁ ଏବଂ ଘରର ପରିବେଶକୁ ଯଥା ସମ୍ଭବ ମୁକ୍ତ ବାୟୁ, ସନ୍ତସନ୍ତିଆ ପରିବେଶ ଠାରୁ ଦୂରେଇ ରଖନ୍ତୁ। ବର୍ଷା ଦିନରେ ପ୍ରାୟତଃ ଲିଭର ସମସ୍ୟା ଏହି ଦୂଷିତ ଖାଦ୍ୟ ଓ ପାନୀୟ ପାଇଁ ଦେଖାଦେଇଥାଏ। ତେଣୁ ବର୍ଷା ଋତୁରେ ନଖ ଉଷୁମ ପାଣି ପିଇବା ସବୁଠାରୁ ଭଲ। କୌଣସି ପ୍ରକାର ପେଟ ସମସ୍ୟା ଦେଖାଦେଲ ମନଇଚ୍ଛା ଯନ୍ତ୍ରଣା ଉପଶମକାରୀ ଟାବଲେଟ ଗ୍ରହଣ କରନ୍ତୁ ନାହିଁ। ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଆପଣଙ୍କ ସାଧାରଣ ପେଟ ସମସ୍ୟା, ବାନ୍ତି ସମସ୍ୟା ଏବଂ ଅସ୍ୱାଭାବିକ ଦେହ ହାତ ଘୋଳାବିନ୍ଧା ସମସ୍ୟା କୌଣସି ସଂକ୍ରଣର ପରିପାର୍ଶ୍ୱିକ କାରଣ ମଧ୍ୟ ହୋଇପାରେ। ତେଣୁ ବର୍ଷା ଋତୁରେ ପ୍ରାୟତଃ ଲେପ୍ଟୋସ୍ପାଇରୋସିସ ସଂକ୍ରମଣ ଠାରୁ ଦୂରେଇ ରହିବାକୁ ହେଲେ ଉପରୋକ୍ତ ପରାମର୍ଶ ଅତ୍ୟନ୍ତ ସ୍ୱାସ୍ଥ୍ୟକର, ଏହାକୁ ବିଚାର କରି ଏହି ଋତୁଟି ଯେପରି ଆନନ୍ଦମୟ ହେବ ଗୁରୁତ୍ୱ ଦିଅନ୍ତୁ।

ପ୍ରତିରଦ୍ଧିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ମନସା ପଞ୍ଚମୀ

## ଜୋସ୍ନା ମହାପାତ୍ର

ସର୍ପମାନଙ୍କ ଦଂଶନରୁ ରକ୍ଷା କରିବା ପାଇଁ ମନସା ଦେବୀଙ୍କ ନିଷ୍ଠା ଓ କାଷ୍ଠାରେ ପୂଜା ବିଧାନର ଦିବସ ହେଉଛି ମନସା ପଞ୍ଚମୀ। ମନସା ପଞ୍ଚମୀରେ ସର୍ପଦେବୀ ମନସାଙ୍କ ପୂଜା ବିଧି ପୂରା କାଳରୁ ଭାରତ ବର୍ଷରେ ପ୍ରଚଳିତ । ସର୍ପାଘାତରୁ ରକ୍ଷା ପାଇବା ଲାଗି ଶ୍ରାବଣ ମାସର କୃଷ୍ଣପଞ୍ଚମୀ ତିଥିରେ ଅନୁଷ୍ଠିତ ହୁଏ ସର୍ପଦେବୀ ମନସାଙ୍କ ପୂଜା। ପ୍ରଭାବଶାଳୀ ଦେବୀ ମନସା-ପୂଜାର ପୃଷ୍ଠଭୂମି ଓ ପରମ୍ପରା ମୂଳରେ ରହିଛି ସର୍ପପୂଜା ।

ଓଡ଼ିଶାର କେତେକ ସ୍ଥାନରେ ସର୍ପଦେବୀ ଜାଗୁଲାଇଙ୍କ ପୂଜା ଅନୁଷ୍ଠିତ ହୁଏ ମନସା ପଞ୍ଚମୀରେ । ତିନି ଆଖି ବିଶିଷ୍ଟ ଓ ମୁଣ୍ଡରେ ଫଣା ଥିବା ଏକ ମାଟି ପ୍ରତିମାକୁ ସୁସଜ୍ଜିତ ଟୋକେଇରେ ସ୍ଥାପନ କରି ଗ୍ରାମର ବାରିକ ଘରମାନଙ୍କୁ ଯାଇଥାଏ । ଗୃହିଣୀମାନେ ପିଠାପଣା ଆଦି ପୂଜା କରିଥାନ୍ତି । ବୌଦ୍ଧମାନଙ୍କ ମତରେ ଏହି ଜାଗୁଲାଇ ହେଉଛନ୍ତି ବୌଦ୍ଧମାନଙ୍କ ସର୍ପଦେବୀ ଜାଙ୍ଗୁଲୀ । ଓଡ଼ିଶାର କେତେକ ସ୍ଥାନରେ ନାଗ ଗ୍ରାମ ଦେବତା ରୂପେ ପୂଜିତ ହୋଇଥାନ୍ତି ।

ମନସା ପୂଜାର ଉତ୍ପତ୍ତି ଓ ପ୍ରସାର ସମ୍ପର୍କରେ ବିଭିନ୍ନ ପ୍ରକାର ପୌରାଣିକ କାହାଣୀ ଓ ବିଶ୍ୱାସ ପ୍ରଚଳିତ ଅଛି । ଓଡ଼ିଶାରେ ପ୍ରଚଳିତ ଏକ କାହାଣୀ ଅନୁଯାୟୀ ଜନୈକ ସାଧବାଣୀ ନାଗମାତାଙ୍କ ବିରାଗଭାଜନ ହେବାରୁ ସର୍ପାଘାତରେ ତାଙ୍କର ଛଅ ପୁତ୍ର ମୃତ୍ୟୁବରଣ କଲେ । ମାତ୍ର ସପ୍ତମ ପୁତ୍ର ଶ୍ରଦ୍ଧା ଓ ନିଷ୍ଠାର ସହ ନାଗଲ ଚତୁର୍ଥୀ ଓଷା ପାଳନ କରିବାରୁ ନାଗମାତାଙ୍କ କୃପାରୁ ସବୁ ପୁଅମାନେ ପୁନର୍ଜୀବନ ଲାଭ କଲେ । ଓଡ଼ିଶାରେ ମନସା ପୂଜା, ସର୍ପ ପୂଜା ଓ ସର୍ପ ପୂଜା ସମ୍ବନ୍ଧୀୟ ଓଷାବ୍ରତ, ପରମ୍ପରା ଆଦି ଅନୁଧ୍ୟାନ କଲେ ଏଠାରେ ପ୍ରାକ୍-ବୈଦିକ ସଂସ୍କୃତି ଓ ସଂସ୍କାରର ବହୁ ଛାପ ଏବେ ବି ବିଦ୍ୟମାନ ।

ଚଣ୍ଡୀମନ୍ଦିର ମାର୍ଗ, କଟକ, ଦୂରଭାଷ : ୯୪୩୭୦୨୧୬୧୫
E-mail : abhisekmohapatra1999@gmail.com

# କେଶ ଝଡ଼େ ସିନା, ନିଶ ଦାଢ଼ି କାହିଁକି ଝଡ଼େନା

## ନାରାୟଣ ଚନ୍ଦ୍ର ବିଶ୍ୱାଳ

କେଶ ଝଡ଼ିବା ଏବେ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଯାହାକୁ ଦେଖିବ ସେ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହେଲେ କେବେ ଭାବିଛନ୍ତି କି କେଶ ସିନା ଝଡ଼େ ହେଲେ ନିଶ ଦାଢ଼ି ଓ ଶରୀରର ଲୋମ ଝଡ଼ି ନଥାଏ କାହିଁକି ? କେଶ ଝଡ଼ିବା ଏବଂ ନିଶ ଦାଢ଼ି ଓ ଶରୀରର ଲୋମ ନଝଡ଼ିବା ହରମୋନର ଫରକ ଯୋଗୁଁ ହୋଇଥାଏ। କେଶ ଉପରେ ମୁଖ୍ୟତଃ ଡିଏଚଟି (ଡାୟହାଇଡ୍ରୋଟେଷ୍ଟୋଷ୍ଟେରୋନ ନାମକ ହରମୋନ ପ୍ରଭାବ ପଡ଼ିଥାଏ। ହେୟାର ଫଲିକଲସରେ ଏହାର ମାତ୍ରାଧିକ ବୃଦ୍ଧି ଅବା ବହୁ କମ ମାତ୍ରାର ବୃଦ୍ଧି ଯୋଗୁ ହେୟାର ଫଲିକଲଗୁଡ଼ିକ ସଙ୍କୁଚିତ ହୋଇଯାଏ। ତା ସହ ଶେ ବୃଦ୍ଧିର ସାଇକେଲ ଚୋଟ ହୋଇଯାଏଓ କେଶର ମୂଳ ଦୁର୍ବଳ ହୋଇଯାଏ। ତେଣୁ କେଶ ଝଡ଼ିଥାଏ। ହେଲେ ନିଶ, ଦାଢ଼ି ଓ ଶରୀରର ଲୋମ ଉପରେ ଟେଷ୍ଟୋଷ୍ଟେରୋନର ପ୍ରଭାବ ପଡ଼ିଥାଏ, ଯାହାକି ଏହି ଲୋମ ଗୁଡ଼ିକୁ ବଢ଼ିବାରେ ସାହାଯ୍ୟ କରିଥାଏ ଏବଂ ତାକୁ ଝଡ଼ିବାକୁ ଦିଏନା। ଏହିଭଳି ଭାବେ ହରମୋନର ଫରକ ମୁଣ୍ଡ ଓ ଶରୀର ଲୋମ ବ୍ୟବହାରରେ ଫରକ ଆଣିଥାଏ।

ଏହାବାଦ ଶରୀର ଲୋମର ବୃଦ୍ଧି ଓ ଝଡ଼ିବାର ପ୍ରକ୍ରିୟା ଜିନ ଦ୍ୱାରା ମଧ୍ୟ ନିୟନ୍ତ୍ରିତ ହୋଇଥାଏ। ମୁଣ୍ଡର କେଶ ଝଡ଼ିବା ଓ ପତଳା ହୋଇଯିବା ସାଧାରଣଃ ଏଣ୍ଡ୍ରୋଜେନେଟିକ ଏଲୋପେସିୟା ତଥା ଆନୁବଂଶିକ ଚନ୍ଦାପଣ କାରଣରୁ ବି ହୋଇଥାଏ। ଯାହାକି ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ଘଟିଥାଏ। ଏହି ସ୍ଥିତି ଖାସ କରି ମୁଣ୍ଡର କେଶ ପାଇଁ ଦାୟୀ ହୋଇଥାଏ। ଅନ୍ୟପକ୍ଷେ ନିଶ, ଦାଢ଼ି ଓ ଶରୀର ଲୋମର ବିକାଶର ସଂରଚନା ଭିନ୍ନ ଭିନ୍ନ ହୋଇଥାଏ। ଯାହାକି ସାଧାରଣତଃ ଆନୁବଂଶିକ ରୂପରେ ନିର୍ଦ୍ଧାରିତ ହୋଇଥାଏ। ଏହି କାରଣରୁ ମଧ୍ୟ ଶରୀରର ଲୋମ ଝଡ଼ିବା ବା ପତଳା ହେବା ମୁଣ୍ଡର କେଶ ଠାରୁ କମ ହୋଇଥାଏ। ଶରୀର ଲୋମ ବୃଦ୍ଧିର ଚକ୍ର, କେଶ ବୃଦ୍ଧି ଚକ୍ର ଠାରୁ ଭିନ୍ନ ହୋଇଥାଏ। କେଶ ବୃଦ୍ଧିର ଚକ୍ର ଲମ୍ବା ହୋଇଥାଏ। କିନ୍ତୁ ଶରୀରର ଲୋମ ବୃଦ୍ଧିର ଚକ୍ର ଛୋଟ ହୋଇଥାଏ। କେଶ ଝଡ଼ିବା ସାଧାରଣତଃ ସେହି ଚକ୍ରର ଟେଲୋଜେନ ସୋପାନରେ ହୋଇଥାଏ। ଅର୍ଥାତ୍ ଯେଉଁଠି କେଶ ବୃଦ୍ଧି ଅଟକିଯାଏ, ସେଇଠି କେଶ ଝଡ଼ିବା ଆରମ୍ଭ ହୁଏ। ଅନ୍ୟପକ୍ଷରେ ଶରୀରର ଲୋମବୃଦ୍ଧିର ଚକ୍ର ଛୋଟ ହୋଇଥିବା ଯୋଗୁ ଏହା ବହୁତ କମ ଝଡ଼ିଥାଏ। ଆଉ ଏହା ସାଧାରଣତଃ ନୂଆ ଲୋମ ଦ୍ୱାରା ବଦଳିଥାଏ। ଏସବୁ ବାଦ ମୁଣ୍ଡର କେଶ ଆଜିକାଲି ଅତ୍ୟଧିକ ଚାପ ଓ ଅବ୍ୟବସ୍ଥିତ ଜୀବନ ଶୈଳୀ କାରଣରୁ ବି ଝଡୁଛି।

ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୭୬୦

# ମା' ପେଣ୍ଡ୍ରାଣୀ: ଭକ୍ତି ଓ ବିଶ୍ୱାସର ଅଧିଷ୍ଠାତ୍ରୀ ଦେବୀ

## ଉମାକାନ୍ତ ସାହୁ

ମା' ବୋଲି ଅନ୍ତରରୁ ଥରେ ଡାକିଲେ ସେ ନିଜ ସନ୍ତାନର ଦୁଃଖକଷ୍ଟ ଦୂର କରିଦିଅନ୍ତି। ଯୁଗ ଯୁଗ ଧରି ଏହି ବିଶ୍ୱାସ ଭକ୍ତମାନଙ୍କ ମନରେ ଅଟୁଟ ରହିଆସିଛି। ଭକ୍ତଙ୍କ ଆସ୍ଥା ଓ ଶ୍ରଦ୍ଧାର ପ୍ରତୀକ ଭାବେ ଆଦିଶକ୍ତି ବିଭିନ୍ନ ରୂପରେ ଧରାପୃଷ୍ଠରେ ଆବିର୍ଭୂତ ହୋଇଥାନ୍ତି। ସେହି ଆଦିଶକ୍ତିଙ୍କ ଏକ ପୂଜନୀୟ ରୂପ ହେଉଛନ୍ତି ମା' ପେଣ୍ଡ୍ରାଣୀ। ନବରଙ୍ଗପୁର ଜିଲ୍ଲାର ଉମରକୋଟ ସହରର ଅଧିଷ୍ଠାତ୍ରୀ ଦେବୀ ଭାବେ ସେ ବିରାଜମାନ। କେବଳ ସ୍ଥାନୀୟ ଅଞ୍ଚଳ ନୁହେଁ, ରାଜ୍ୟ ବାହାରେ ମଧ୍ୟ ମା'ଙ୍କ ମହିମା ଓ ଅଲୌକିକ କୃପାର ପ୍ରଚାର ରହିଛି।





ଲୋକକଥା ଅନୁସାରେ ମା'ଙ୍କ ଜନ୍ମ ବର୍ତ୍ତମାନର ଛତିଶଗଡ଼ ରାଜ୍ୟର ବିଶ୍ରାମପୁର ଅଞ୍ଚଳ ଅନ୍ତର୍ଗତ ପେଣ୍ଡରାଗଣ୍ଡ ଗ୍ରାମରେ ହୋଇଥିଲା। ତାଙ୍କ ମାତାଙ୍କ ନାମ ମୁତଙ୍ଗଇ ଓ ପିତାଙ୍କ ନାମ ବୁଇଁ ଗଣ୍ଡା ବୋଲି କୁହାଯାଏ। ବିବାହ ପରେ ମଧ୍ୟ ମା' ନିଜ ସ୍ୱାମୀଙ୍କ ସହ ବାପଘରେ ରହୁଥିଲେ। କିନ୍ତୁ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ତାଙ୍କ ଭାଇମାନେ ନିଜ ଜାମାତାଙ୍କୁ ହତ୍ୟା କରି ଏକ ଜମିରେ ସମାଧି ଦେଇଥିଲେ। ସ୍ୱାମୀଙ୍କ ବିୟୋଗ ସହି ନ ପାରି ମା' ମଧ୍ୟ ସେହି ସ୍ଥାନରେ ଆତ୍ମାହୁତି ଦେଇ ସତୀ ହୋଇଥିଲେ। ପରେ ସେ ନିଜ ପିତାମାତାଙ୍କୁ ସ୍ୱପ୍ନାଦେଶ ଦେଇ କହିଥିଲେ ଯେ ସେ ପେଣ୍ଡରା ବୃକ୍ଷ ତଳେ ପୁନର୍ବାର ପ୍ରକଟ ହେବେ ଏବଂ ସେଠାରେ ତାଙ୍କ ପୂଜା କରାଯାଉ। ସେହି ଦିନଠାରୁ ସେ 'ମା' ପେଣ୍ଡ୍ରାଣୀ' ନାମରେ ପୂଜା ପାଇବା ଆରମ୍ଭ କରିଥିଲେ।

ସମୟକ୍ରମେ ମା'ଙ୍କ ପୂଜା ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ପୂଜାରୀ ଭରଣ୍ଡୀ ଗ୍ରାମରେ ଆରମ୍ଭ ହୋଇଥିଲା। ଆଉ ଏକ ଲୋକକଥା ଅନୁସାରେ, ବହୁ ବର୍ଷ ପୂର୍ବ ? ଜୟପୁରର ରାଜା ଉମରକୋଟ ଗସ୍ତରେ ଆସିଥିବା ବେଳେ ତାଙ୍କର ପ୍ରିୟ ଅଶ୍ୱ ହଜିଯାଇଥିଲା। ରାଜା ମା'ଙ୍କ ମହିମା ପରୀକ୍ଷା କରିବା ପାଇଁ ମନରେ ସଂକଳ୍ପ କରିଥିଲେ ଯେ, ଯଦି ତାଙ୍କ ଅଶ୍ୱ ଫେରି ମିଳିଯାଏ, ତେବେ ସେ ଉମରକୋଟରେ ମା'ଙ୍କ ନାମରେ ଏକ ମନ୍ଦିର ନିର୍ମାଣ କରାଇବେ। ପରଦିନ ଅଶ୍ୱଟି ଆସି ରାଜାଙ୍କ ଶିବିର ନିକଟରେ ପହଞ୍ଚିଥିଲା। ଏହାପରେ ରାଜା ନିଜ ସଂକଳ୍ପ ପୂରଣ କରି ଉମରକୋଟରେ ମା' ପେଣ୍ଡ୍ରାଣୀଙ୍କ ମନ୍ଦିର ନିର୍ମାଣ କରାଇଥିଲେ। ସେହି ଦିନଠାରୁ ମା'ଙ୍କ ମହିମା ଦୂରଦୂରାନ୍ତରେ ପ୍ରସାରିତ ହୋଇଆସିଛି।

ବର୍ତ୍ତମାନ ମା' ପେଣ୍ଡ୍ରାଣୀ ନବନିର୍ମିତ ମନ୍ଦିରରେ ପୂଜା ପାଉଛନ୍ତି। ରବିବାର ମା'ଙ୍କର ବିଶେଷ ପୂଜା ବାର ହୋଇଥିବାରୁ ଏହି ଦିନ ଦୂରଦୂରାନ୍ତରୁ ହଜାର ହଜାର ଭକ୍ତ ଦର୍ଶନ ପାଇଁ ଆସିଥାନ୍ତି। ମା'ଙ୍କ ନିକଟରେ ମନାସି ଅନେକ ଭକ୍ତଙ୍କ ମନସ୍କାମନା ପୂରଣ ହୋଇଥିବାର ବିଶ୍ୱାସ ରହିଛି।

ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଭାବେ ମା' ପେଣ୍ଡ୍ରାଣୀଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି। ଉମରକୋଟରେ ରଥଯାତ୍ରା ସମୟରେ ମା'ଙ୍କ ବିମାନ ରଥାରୂଢ଼ ନ ହେବା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ରଥ ଗଡ଼ି ନଥାଏ ବୋଲି ପରମ୍ପରା ରହିଛି। ସେହିପରି ବାହୁଡ଼ା ଯାତ୍ରା ପରବର୍ତ୍ତୀ ସୋମବାର ଦିନ ମା' ପେଣ୍ଡ୍ରାଣୀଙ୍କ ବାର୍ଷିକ ଯାତ୍ରା ମହାଆଡ଼ମ୍ବରରେ ପାଳନ କରାଯାଏ। ଏହି ଅବସରରେ ହଜାର ହଜାର ଭକ୍ତଙ୍କ ସମାଗମରେ ସମଗ୍ର ଉମରକୋଟ ଭକ୍ତିମୟ ପରିବେଶରେ ମୁଖରିତ ହୋଇଉଠେ।

ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ, ମା'ଙ୍କ କୃପାରେ ତାଙ୍କ ପୀଠରେ କେହି ଭୋକିଲା ରୁହନ୍ତି ନାହିଁ। ଯେଉଁମାନେ ମା'ଙ୍କ ଆଶ୍ରୟ ଗ୍ରହଣ କରି ଉମରକୋଟ ମାଟିରେ ବସବାସ କରିଛନ୍ତି, ସେମାନେ ସୁଖ, ଶାନ୍ତି ଓ ସମୃଦ୍ଧି ଲାଭ କରିଥିବା ବୋଲି ଅଗଣିତ ଭକ୍ତଙ୍କ ବିଶ୍ୱାସ। ତେଣୁ ମା' ପେଣ୍ଡ୍ରାଣୀ ଆଜି ମଧ୍ୟ ଭକ୍ତି, ବିଶ୍ୱାସ ଓ ଆସ୍ଥାର ଅନନ୍ୟ ପ୍ରତୀକ ଭାବେ ଅସଂଖ୍ୟ ଭକ୍ତଙ୍କ ହୃଦୟରେ ବିରାଜମାନ।



# ଭାରତର ତୃତୀୟ ନୟନ !

## ସରକାରଙ୍କ ସବୁଜ ସଙ୍କେତକୁ ଅପେକ୍ଷା କରିଛନ୍ତି ଏନଭିଏସ-୦୩ ଏବଂ ଜିସାଟ୍-୧-ଏ ଉପଗ୍ରହ

**ନୂଆଦିଲ୍ଲୀ,୩।୮(ଏଜେନ୍ସି):**ଭାରତ ମହାକାଶରେ ନିଜର ଶକ୍ତି ବୃଦ୍ଧି କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ଏହି ଦୃଷ୍ଟିରୁ ଦୁଇଟି ରଣନୈତିକ ଗୁରୁତ୍ୱପୂର୍ଣ୍ଣ ଉପଗ୍ରହ ଏନଭିଏସ-୦୩ ଏବଂ ଜିସାଟ୍-୧-ଏ ଉତ୍କ୍ଷେପଣ ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ଏହି ଉପଗ୍ରହଗୁଡ଼ିକ ଶ୍ରୀହରିକୋଟା ମହାକାଶ ବନ୍ଦରରେ ଉତ୍କ୍ଷେପଣ ପାଇଁ ସରକାରଙ୍କ ଅନୁମୋଦନ ପାଇଁ କିଛି ସପ୍ତାହ ଧରି ଅପେକ୍ଷା କରିଛନ୍ତି। ମହାକାଶରେ ଭାରତର ତୃତୀୟ ନୟନ ଭଳି କାମ କରିବାକୁ ଯାଉଥିବା ଏହି ଦୁଇଟି ଉପଗ୍ରହର ବିଶେଷତ୍ୱ ହେଉଛି ଯେ ଏଗୁଡ଼ିକୁ କେବଳ ସାମରିକ ଉଦ୍ଦେଶ୍ୟରେ ବ୍ୟବହାର କରାଯିବ। ଏହି ଉପଗ୍ରହ ସହିତ ଏକ ଜିଏସଏଲଭି-ଏମକେ-୨ ରକେଟ୍ ମଧ୍ୟ ଉତ୍କ୍ଷେପଣ ପାଇଁ ପ୍ରସ୍ତୁତ ହୋଇ ସରକାରଙ୍କ ସବୁଜ ସଙ୍କେତକୁ ଅପେକ୍ଷା କରି ରହିଛନ୍ତି। ଅନୁମୋଦନ ଅଭାବରୁ ପ୍ରପେଲାଣ୍ଟ ପୂରଣ କାର୍ଯ୍ୟ ମଝିରେ ବନ୍ଦ ହୋଇଯାଇଥିଲା।ଏନଭିଏସ-୦୩ ଉପଗ୍ରହ ଭାରତର ଦ୍ୱିତୀୟ ପିଢ଼ିର ନାଭିଗେସନ୍ କ୍ଷେତ୍ରର ପରବର୍ତ୍ତୀ ଉପଗ୍ରହ। ସେହିପରି ଜିସାଟ୍-୧-ଏ ଏକ ଉନ୍ନତ ଜିଓ-ଇମେଜିଂ ଉପଗ୍ରହ ଯାହା ଭାରତୀୟ ଭୂପୃଷ୍ଠର ରିୟଲ ଟାଇମ୍ ନିରୀକ୍ଷଣ କରିବାକୁ ସକ୍ଷମ। ଉଭୟ ଉପଗ୍ରହ ସେମାନଙ୍କର ଅଧିକାଂଶ ପୂର୍ବ-ଉତ୍କ୍ଷେପଣ ପ୍ରସ୍ତୁତି ମଧ୍ୟ ସମାପ୍ତ କରିସାରିଛନ୍ତି।

# ନିର୍ଦ୍ଦୋଷରେ ଖଲାସ ହେଲେ ବ୍ରିଜଭୂଷଣ ସିଂହ

**ନୂଆଦିଲ୍ଲୀ,୩।୮(ଏଜେନ୍ସି):** ମହିଳା କୁସ୍ତିଯୋଦ୍ଧାଙ୍କ ଦ୍ୱାରା ଦାୟର ହୋଇଥିବା ଯୌନ ନିର୍ଯାତନା ମାମଲାରେ ପୂର୍ବତନ ଭାରତୀୟ କୁସ୍ତି ମହାସଂଘ ମୁଖ୍ୟ ତଥା ବିଜେପିର ପୂର୍ବତନ ସାଂସଦ ବ୍ରିଜଭୂଷଣ ଶରଣ ସିଂହଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି । ସୋମବାର ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଏହି ମାମଲାରେ ବ୍ରଜଭୂଷଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ତାଙ୍କ ସହ ସହ-ଅଭିଯୁକ୍ତ ବିନୋଦ ତୋମରଙ୍କୁ ମଧ୍ୟ କୋର୍ଟ ଦୋଷମୁକ୍ତ କରିଛନ୍ତି ।୨୦୨୩ ମସିହାରେ ଭିନେଶ ଫୋଗଟ, ସାକ୍ଷୀ ମଲିକ ଏବଂ ଅନ୍ୟ କେତେକ ମହିଳା କୁସ୍ତିଯୋଦ୍ଧା ବ୍ରିଜଭୂଷଣ ଶରଣ ସିଂହଙ୍କ ବିରୋଧରେ ଯୌନ ନିର୍ଯାତନା, ମାନସିକ ନିର୍ଯାତନା ଏବଂ ଅପରାଧିକ ଧମକ ଦେବା ଭଳି ଗୁରୁତର ଅଭିଯୋଗ ଆଣିଥିଲେ । ଏହାକୁ ନେଇ ଦିଲ୍ଲୀର ଯନ୍ତରମନ୍ତରଠାରେ କୁସ୍ତିଯୋଦ୍ଧାମାନେ ଦୀର୍ଘ ଦିନ ଧରି ଧାରଣା ଦେଇଥିଲେ। ପରେ ଦିଲ୍ଲୀ ପୁଲିସ ଏହି ମାମଲାରେ ତଦନ୍ତ କରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା ।ଗତ ମାସରେ ଏହି ମାମଲାର ସମସ୍ତ ଶୁଣାଣି ଶେଷ ହେବା ପରେ କୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ଆଜି କୋର୍ଟ କହିଛନ୍ତି ଯେ, ବ୍ରିଜଭୂଷଣ ବିରୋଧରେ ଆସିଥିବା ଅଭିଯୋଗଗୁଡ଼ିକର କୌଣସି ଶକ୍ତ ପ୍ରମାଣ



ମିଳିନାହିଁ। ଏହି ଆଧାରରେ ଉଭୟ ବ୍ରିଜଭୂଷଣ ଏବଂ ବିନୋଦ ତୋମରଙ୍କୁ ସମ୍ମାନଜନକ ଭାବେ ଖଲାସ କରାଯାଇଛି । କୋର୍ଟଙ୍କ ରାୟ ପରେ ବ୍ରିଜଭୂଷଣ ଶରଣ ସିଂହ ନିଜର ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, 'ମୁଁ ପ୍ରଥମ ଦିନରୁ କହି ଆସୁଥିଲି ଯେ ଯଦି ମୋ ବିରୋଧରେ ଗୋଟିଏ ବି ଅଭିଯୋଗ ପ୍ରମାଣିତ ହୁଏ, ତେବେ ମୁଁ ନିଜକୁ ଫାଶୀ ଦେଇଦେବି। ଆଜି ନ୍ୟାୟାଳୟଙ୍କ ରାୟ ପ୍ରମାଣ କରିଛି ଯେ ମୁଁ ନିର୍‌ଦ୍‌ଦୋଷ ଥିଲି । ସତ୍ୟର ଜୟ ହୋଇଛି ।'ବ୍ରିଜଭୂଷଣ ଓକିଲ ସୂଚନା ଦେଇଛନ୍ତି ଯେ, କୋର୍ଟଙ୍କ ଆଦେଶର ସମ୍ପୂର୍ଣ୍ଣ କପି ମିଳିବା ପରେ ସେମାନେ ପରବର୍ତ୍ତୀ ପଦକ୍ଷେପ ନେବେ । ଅନ୍ୟପକ୍ଷରେ, ଅଭିଯୋଗକାରୀ ମହିଳା କୁସ୍ତିଯୋଦ୍ଧାମାନେ ଏହି ରାୟ ବିରୋଧରେ ଉପରିସ୍ଥ କୋର୍ଟକୁ ଯିବେ କି ନାହିଁ, ସେ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ଏହି ଘଟଣାଟି ସେହି ସମୟରେ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିଲା, ଯେଉଁଥିପାଇଁ ବ୍ରିଜଭୂଷଣଙ୍କୁ କୁସ୍ତି ମହାସଂଘର ମୁଖ୍ୟ ପଦରୁ ମଧ୍ୟ ହଟିବାକୁ ପଡ଼ିଥିଲା । ଆଜିର ଏହି ରାୟ ବ୍ରିଜଭୂଷଣ ଏବଂ ତାଙ୍କ ସମର୍ଥକଙ୍କ ପାଇଁ ଏକ ବଡ଼ ବିଜୟ ବୋଲି କୁହାଯାଉଛି ।

# କେରଳରେ ବର୍ଷା ଓ ବନ୍ୟାର ତାଣ୍ଡବ: ୧୫ ମୃତ, ୭ ନିଖୋଜ

**ନୂଆଦିଲ୍ଲୀ,୩।୮(ଏଜେନ୍ସି):**କେରଳରେ ବର୍ଷାଜନିତ ଘଟଣାରେ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି ବୋଲି ମୁଖ୍ୟମନ୍ତ୍ରୀ ଭିଡି ସତୀସନ୍ ସୋମବାର କହିଛନ୍ତି। ସାତ ଜଣ ଏବେବି ନିଖୋଜ ଅଛନ୍ତି। କୋଟ୍ଟାୟମ ଜିଲ୍ଲାରେ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟ ହୋଇଛି, ଯେଉଁଥିରେ ପୁଞ୍ଜାର ବିଧାନସଭା ନିର୍ବାଚନମଣ୍ଡଳୀର ଦୁଇଜଣ ଓ ପାଣି ଟାଙ୍କିରେ ପଡ଼ି ବୁଡ଼ି ଯାଇଥିବା ଜଣେ ଶିଶୁ ସାମିଲ ଅଛନ୍ତି।ଏର୍ଣ୍ଣାକୁଲମରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଇଡୁକ୍କି ଓ ମୁଭାଟୁପୁଝାରେ ଜଣେ ଲେଖାଏଁଙ୍କର ମୃତ୍ୟୁ ହୋଇଛି। କୋଲ୍ଲାମରେ ଦୁଇଜଣ, ମାଲାପ୍ପୁରମରେ ଚାରି ଜଣ, କନ୍ନୁରରେ ଜଣେ ଓ କୋଝିକୋଡରେ ଜଣେ ପ୍ରାଣ ହରାଇଛନ୍ତି। ସାତ ଜଣ ଏବେବି ନିଖୋଜ ଅଛନ୍ତି। କୋଲ୍ଲାମରେ ଦୁଇଜଣ, କନ୍ନୁରରେ ଦୁଇଜଣ, ମାଲାପ୍ପୁରମରେ ଜଣେ ଏବଂ ଇଡୁକ୍କି ଏବଂ ମୁଭାଟୁପୁଝାରେ ଜଣେ ନିଖୋଜ ଅଛନ୍ତି ବୋଲି ସତୀସନ୍ କହିଛନ୍ତି।ସୋମବାର ସକାଳ ୯ଟା ସୁଦ୍ଧା ରାଜ୍ୟରେ ୩୧୬ଟି ରିଲିଫ୍ ଶିବିର କାର୍ଯ୍ୟ କରୁଛି, ବର୍ଷା ଓ ବନ୍ୟା ଯୋଗୁଁ ବିସ୍ଥାପିତ ୧୧,୦୧୮ ଜଣଙ୍କୁ ଆଶ୍ରୟ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟର ବନ୍ୟା ପରିସ୍ଥିତିର ସମୀକ୍ଷା କରିବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସୋମବାର ଓ ଆସନ୍ତା ୬ ତାରିଖରେ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ଓ ଏହି ସମୟରେ ୪୦-୫୦ କିଲୋମିଟର ବେଗରେ ପବନ ବହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଉତ୍ତର କେରଳ ଉପକୂଳରେ ୨.୭ ରୁ ୩.୫ ମିଟର ଉଚ୍ଚ ଜୁଆର ଉଠିବା ନେଇ ଭାରତୀୟ ଜାତୀୟ ସାମୁଦ୍ରିକ ସୂଚନା ସେବା କେନ୍ଦ୍ର ସତର୍କ କରାଇଛି ଓ ମତ୍ସ୍ୟଜୀବୀ ତଥା ଉପକୂଳବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି।

# ରାଜ୍ୟ ଏଫଆଇଆର ପ୍ରତ୍ୟାହାର କରିପାରିବ, କିନ୍ତୁ ଗୁରୁତର ଅପରାଧୀଙ୍କୁ ମିଳିବନି ଛାଡ଼: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩।୮(ଏଜେନ୍ସି):**କକ୍ରୋଚ୍ ଜନତା ପାର୍ଟି(ସିଜେପି) ପ୍ରତିବାଦ ସମୟରେ ଘଟିଥିବା ହିଂସା ସମ୍ପର୍କିତ ଆବେଦନଗୁଡ଼ିକର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଛନ୍ତି। ପୂର୍ବ ଆଦେଶକୁ ସଂଶୋଧନ କରି ଶୀର୍ଷକୋର୍ଟ କହିଛନ୍ତି ଯେ, ଗମ୍ଭୀର ଅପରାଧର ଅଭିଯୁକ୍ତମାନଙ୍କୁ କୌଣସି ଆଶ୍ୱସ୍ତି ମିଳିବ ନାହିଁ। ରାଜ୍ୟଗୁଡ଼ିକର ମାମଲା ପ୍ରତ୍ୟାହାର କରିବାର ସ୍ୱାଧୀନତା ରହିବ, ଅର୍ଥାତ୍ ସେମାନେ ପ୍ରତିବାଦକାରୀଙ୍କ ବିରୋଧରେ ମାମଲା ଶେଷ କରିପାରିବେ



କିମ୍ବା ପ୍ରତ୍ୟାହାର କରିପାରିବେ। ଏହାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୯ ତାରିଖରେ ଅନୁଷ୍ଠିତ ହେବ।ଯେଉଁମାନଙ୍କ ବିରୋଧରେ ସାମାନ୍ୟ ଅଭିଯୋଗ ଅଛି କିମ୍ବା ରାଜନୈତିକ କାରଣରୁ ପ୍ରତିବାଦ କରୁଛନ୍ତି ସେମାନେ ଆଶ୍ୱସ୍ତି ପାଇବେ। କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହଟା କହିଛନ୍ତି ଯେ ସରକାର ପ୍ରତିବାଦକାରୀଙ୍କ ବିରୋଧରେ ଏଫଆଇଆର ଦାଖଲ କରିବା ସମ୍ପର୍କରେ ତାଙ୍କର ପୂର୍ବ ପ୍ରତିଶ୍ରୁତି ଅନୁସାରେ ସମ୍ପୂର୍ଣ୍ଣ ଭାବରେ ଦୃ? ନିଶ୍ଚୟ ଅଛନ୍ତି। ସୁପ୍ରିମକୋର୍ଟ ତାଙ୍କ ୨୮ ଜୁଲାଇ ଆଦେଶକୁ ସ୍ପଷ୍ଟ କରି କହିଛନ୍ତି ଯେ ଦିଲ୍ଲୀ ଏବଂ ଅନ୍ୟ ଯେକୌଣସି ରାଜ୍ୟ ପ୍ରତିବାଦକାରୀଙ୍କ ବିରୋଧରେ ଦାୟର ହୋଇଥିବା ଏଫଆଇଆରକୁ ବନ୍ଦ କିମ୍ବା ପ୍ରତ୍ୟାହାର କରିପାରିବେ।

## ସୁପ୍ରିମକୋର୍ଟଙ୍କ ବଡ଼ ଆଦେଶ

# ଦେଶର ସବୁ ସଡ଼କରେ ରହିବ ଅବରୋଧ ମୁକ୍ତ ପାଦ ଚଲା ରାସ୍ତା

**ନୂଆଦିଲ୍ଲୀ,୩।୮(ଏଜେନ୍ସି):** ସୁପ୍ରିମକୋର୍ଟ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶରେ କେନ୍ଦ୍ର ସରକାରଙ୍କୁ ଦେଶରେ ଯେଉଁଠି ବି ସଡ଼କ ଅଛି ସେଥିରେ ପାଦ ଚଲା ପଥଚାରୀଙ୍କ ଲାଗି ଠିକ୍ ରୂପେ ନିର୍ଦ୍ଧାରିତ ଅବରୋଧ ମୁକ୍ତ ରାସ୍ତା ସୁନିଶ୍ଚିତ କରିବାକୁ କହିଛନ୍ତି। ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ପି.ଏସ୍. ନରସିମହା ଓ ଜଷ୍ଟିସ୍ ଆଲୋକ ଅରାଧେଙ୍କ ବେଞ୍ଚ କେନ୍ଦ୍ର ସରକାରଙ୍କ ପକ୍ଷରୁ କୋର୍ଟରେ ଉପସ୍ଥିତ ଆଡିସନାଲ ସୋଲିସିଟର ଜେନେରାଲ ଏ.ଏମ.ନରରାଜଙ୍କୁ କହିଛନ୍ତି ଯେ ସମ୍ବନ୍ଧିତ ଅଧିକାରୀଙ୍କୁ ପାଦଚଲା ପଥିକଙ୍କ ରାସ୍ତା ଯେପରି ଅବରୋଧ ମୁକ୍ତ ରହେ ଓ ମୋଟର ଲେନରୁ ପୃଥକ ରହେ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ।ବେଞ୍ଚ ଆଡିସନାଲ ସୋଲିସିଟର ଜେନେରାଲଙ୍କୁ କହିଛନ୍ତି ଯେ ବିନା କୌଣସି ବଡ଼ ନିବେଶ ଓ ନିର୍ମାଣରେ କେବଳ ଏତିକି ନିଶ୍ଚିତ କରନ୍ତୁ ଯେ ପାଦ ଚଲା ପଥିକଙ୍କ ରାସ୍ତା ସୀମାଙ୍କିତ ହେଉ। ଯେଉଁଠି ବି ସଡ଼କ ଅଛି ସେଠାରେ ପାଦ ଚଲା ରାସ୍ତା ରହିବା ଦରକାର। ଏହାକୁ ରସି ଅଥବା କୌଣସି ଅନ୍ୟ ଜିନିଷରେ ପକ୍କା କରାଯାଉ କି ତାହା ଯେପରି ଜବରଦଖଲ ନ ହୁଏ। ଅଧିକାରୀଙ୍କୁ ଏ ବାବଦେ ନିର୍ଦ୍ଦେଶ ଦେବାକୁ ବେଞ୍ଚ ସୋଲିସିଟର ଜେନେରାଲଙ୍କୁ ୨ ସପ୍ତାହ ସମୟ ଦେଇଛନ୍ତି। ଏହା ସହିତ କୋର୍ଟ ଏହା ବି ଜୋର ଦେଇ କହିଛନ୍ତି ଯେ ପାଦରେ ଚାଲି ଯାଉଥିବା ଲୋକଙ୍କୁ ଭରସା ହେବା ଦରକାର ଯେ ଏହି ରାସ୍ତା ତାଙ୍କ ଲାଗି ଓ ଚଳନ୍ତା ଗାଡି ବିପଦରୁ ସ୍ୱଚ୍ଛନ୍ଦରେ ଚାଲି ପାରିବେ।ଗତ ଜୁନ ୧୯ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଏକ ରାୟରେ କହିଥିଲେ ଯେ ନିର୍ଦ୍ଧାରିତ ଫୁଟପାଥ୍ ରେ ଚାଲିବାର ଅଧିକାର ଏକ ମୌଳିକ ଅଧିକାର। କୋର୍ଟ କହିଥିଲେ ଯେ ନିର୍ଦ୍ଧାରିତ କରାଯାଇଥିବା ରାସ୍ତାରେ ମୋଟର ଗାଡ଼ି ତୁଳନାରେ ଏହି ଅଧିକାରକୁ ପ୍ରାଥମିକତା ଦିଆଯିବ। କୋର୍ଟ ଆର୍ଟିକଲ୍ ୧୯(୧)(ଡି) ଅନୁସାରେ ଯାତାୟାତର ଗ୍ୟାରେଣ୍ଟେଡ ଅଧିକାର ଓ ଆର୍ଟିକ୍ଲ ୨୧ (ଜୀବନ ଓ ସ୍ୱାଧୀନତାର ଅଧିକାର) ସମେତ ଅନ୍ୟ ଅଧିକାରର ମୂଳ ଅଧିକାର ବୋଲି କହିଥିଲେ।



# ବିଜେପି ଗଡ ବାଙ୍କୀପୁର ଉପନିର୍ବାଚନରେ ଜିତି ଇତିହାସ ରଚିଲେ ପ୍ରଶାନ୍ତ କିଶୋର

**ନୂଆଦିଲ୍ଲୀ,୩।୮(ଏଜେନ୍ସି):** ଜୁଲାଇ ୩୦ ତାରିଖରେ ବିହାରର ବାଙ୍କୀପୁର, ମଧ୍ୟପ୍ରଦେଶର ଦତିଆ ଓ ଗୁଜରାଟର ମାଞ୍ଜାଲପୁରରେ ଅନୁଷ୍ଠିତ ବିଧାନସଭା ଉପନିର୍ବାଚନରେ ଫଳାଫଳ ସୋମବାର ବିଜେପି ଦୁଇଟି ଆସନରେ ପରାସ୍ତ ହୋଇଥିବାବେଳେ ଗୋଟିଏ ଆସନ ଜିତିଛି। ବାଙ୍କୀପୁରରେ ଜିତି ପ୍ରଶାନ୍ତ କିଶୋରଓ ତାଙ୍କ ଜନ ସୁରାଜ ପାର୍ଟି ଇତିହାସ ରଚିଛନ୍ତି। ଗତ ୩୦ ବର୍ଷ ହେଲା ବାଙ୍କୀପୁର ବିଧାନସଭା ଆସନରେ ବିଜେପି ଜିତି ଆସୁଥିଲା। ଦତିଆରେ କଂଗ୍ରେସ ପ୍ରାର୍ଥୀ ଘନଶ୍ୟାମ ସିଂହ ଓ ଗୁଜରାଟର ମାଞ୍ଜାଲପୁରରେ ବିଜେପି ପ୍ରାର୍ଥୀ ସତୀଶ ପଟେଲ ଜିତିଛନ୍ତି।ବିଜେପିର ଗଡ କୁହାଯାଉଥିବା ବାଙ୍କୀପୁରାରେ ଜିତି ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ପ୍ରଥମ ନିର୍ବାଚନୀ ବିଜୟ ହାସଲ କରିଛି। ପ୍ରଶାନ୍ତ କିଶୋର ୧୮,୯୫୩ ଭୋଟ ମାର୍ଜିନରେ ବିଜେପିର ନିରଜ କୁମାର ସିହ୍ନାଙ୍କୁ ପରାଜିତ କରିଛନ୍ତି। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତୀନ ନବୀନ ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ଏହି ଆସନ ଖାଲି ପଡିଥିଲା। ପ୍ରଶାନ୍ତ କିଶୋର ୨୯ ରାଉଣ୍ଡ ଭୋଟ ଗଣନା ପରେ ମୋଟ ୬୧,୦୭୫ ଭୋଟ ପାଇଥିବାବେଳେ ବିଜେପିର ନିରଜ କୁମାର ୪୨,୧୧୧ ଭୋଟ ପାଇଥିଲା। ଆରଜେଡିର ରେଖା କୁମାରୀ ୧୩,୬୨୫ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ବିଜେପିର ପରାଜୟ ପରିପ୍ରେକ୍ଷୀରେ ପ୍ରଶାନ୍ତ କିଶୋର କହିଥିଲେ ଯେ, ୩୦ ବର୍ଷର ଗଡ଼ ୩୦ ଦିନରେ ଭୁଶୁଡ଼ି ପଡିଲା। ଏହାଦ୍ୱାରା ବିହାରରେ ଶିକ୍ଷା ଓ ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଥିବା ନେତୃତ୍ୱର ଆବଶ୍ୟକତା ଅଛି ବୋଲି ଲୋକେ ବାର୍ତ୍ତା ଦେଇଛନ୍ତି। ତାଙ୍କୁ ଭୋଟ ଦେଇଥିବା ଲୋକଙ୍କୁ ସେ ଧନ୍ୟବାଦ ଜଣାଇଥିଲେ।

# ଦାୟିତ୍ୱ ନେଲେ ଇଣ୍ଡିଗୋର ନୂଆ ସିଇଓ

**ନୂଆଦିଲ୍ଲୀ,୩।୮(ଏଜେନ୍ସି):**ଦେଶର ସର୍ବବୃହତ୍ ଏୟାରଲାଇନ୍ ଇଣ୍ଡିଗୋର ନୂଆ ସିଇଓ ଭାବେ ୱିଲି ୱାଲ୍ସ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଏହି ପଦରେ ପିଟର ଏଲବର୍ସ କାର୍ଯ୍ୟ କରୁଥିଲେ। ତାଙ୍କ ସ୍ଥାନରେ ୱାଲ୍ସ ନିଯୁକ୍ତ ହୋଇଛନ୍ତି। ଅନ୍ତର୍ଜାତୀୟ ରୁଟ୍‌ରେ ଇଣ୍ଡିଗୋ ସ୍ଥିତି ସୁଦୃଢ଼ କରିବାରେ ୱାଲ୍ସ କାର୍ଯ୍ୟ କରିବେ। ଗତ ମାର୍ଚ୍ଚରେ ତାଙ୍କ ନିଯୁକ୍ତି ସମ୍ପର୍କରେ କମ୍ପାନି ଘୋଷଣା କରିଥିଲା।ନୂଆ ସିଇଓଙ୍କୁ ସ୍ୱାଗତ କରି କମ୍ପାନିର ପରିଚାଳନା ନିର୍ଦ୍ଦେଶକ ରାହୁଲ ଭାଟିଆ କହିଛନ୍ତି ଯେ ଇଣ୍ଡିଗୋ ଏହାର ଯାତ୍ରାରେ ତୃତୀୟ ଦଶନ୍ଧିରେ ପ୍ରବେଶ କରିଛି। ୱାଲସଙ୍କ ବ୍ୟାପକ ବିଶ୍ୱସ୍ତରୀୟ ଅଭିଜ୍ଞତା ଇଣ୍ଡିଗୋକୁ ଅନ୍ତର୍ଜାତୀୟ ଉଡାଣ ମଜଭୁତ କରିବାରେ ସହାୟକ ହେବ। ମୋର ବିଶ୍ୱାସ ରହିଛି ଯେ ତାଙ୍କ ନେତୃତ୍ୱରେ ଇଣ୍ଡିଗୋ ବିମାନ ଚଳାଚଳ ଶିଳ୍ପରେ ଏହାର ସ୍ଥିତିକୁ ଆହୁରି ସୁଦୃ? କରିପାରିବ। ୱାଲସଙ୍କ ପାଖରେ ଚାରି ଦଶନ୍ଧିର ଅଭିଜ୍ଞତା ରହିଛି। ୨୦୦୧ରେ ସେ ଏୟର ଲିଙ୍ଗୁସ୍‌ର ସିଇଓ ହୋଇଥଲେ। ଏହା ପରେ ବ୍ରିଟିସ୍ ଏୟାରୱେଜ୍ ଓ ଇଣ୍ଟରନ୍ୟାସନାଲ୍ ଏୟାରଲାଇନ୍‌ସ ଗ୍ରୁପ୍‌ର ନେତୃତ୍ୱ ନେଇଥିଲେ।

# ବିଶ୍ୱେସ ନେଗୀ ହେଲେ ଇରାନରେ ଭାରତର ନୂଆ ରାଜଦୂତ

**ନୂଆଦିଲ୍ଲୀ,୩।୮(ଏଜେନ୍ସି):**ଭାରତ ସରକାର ୨୦୦୨ବ୍ୟାଚ୍ ଆଇଏଫଏସ୍ ଅଧିକାରୀ ବିଶ୍ୱେସ ନେଗୀଙ୍କୁ ଇରାନରେ ନିଜର ପରବର୍ତ୍ତି ରାଜଦୂତ ନିଯୁକ୍ତ କରିଛନ୍ତି। ବିଦେଶ ମନ୍ତ୍ରାଳୟ ସୋମବାର ଏକ ଅଧିକାରୀକ ବୟାନରେ ଏହି ସୂଚନା ଦେଇଛନ୍ତି। ବିଶ୍ୱେସ ନେଗୀ ଇରାନ ରାଜଦୂତ ନିଯୁକ୍ତି ପୂର୍ବରୁ ନୂଆଦିଲ୍ଲୀ ସ୍ଥିତ ବିଦେଶ ମନ୍ତ୍ରାଳୟରେ ଯୁଗ୍ମ ସଚିବ ପଦରେ ଅବସ୍ଥାପିତ ଥିଲେ। ବିଦେଶ ମନ୍ତ୍ରାଳୟ ଅନୁସାରେ ସେ ଖୁବ୍ ଶୀଘ୍ର ଇରାନ ରାଜଧାନୀ ତେହେରାନ ପହଞ୍ଚି ନିଜର ନୂଆ ଡିପ୍‌ଲୋମ୍ୟାଟିକ୍ ଦାୟିତ୍ୱ ଗ୍ରହଣ କରିବେ।ବିଶ୍ୱେସ ନେଗୀଙ୍କ ଏହି ନିଯୁକ୍ତି ଏପରି ସମୟରେ ହୋଇଛି ଯେତେବେଳେ ଭାରତ ଓ ଇରାନ ମଧ୍ୟରେ ରଣନୀତିକ ଓ ବ୍ୟାପାରିକ ସମ୍ପର୍କ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି। ଖାସ କରି ପଶ୍ଚିମ ଏସିୟାରେ ବଢୁଥିବା ଉତ୍ତେଜନା ମଧ୍ୟରେ ଭାରତ ଲାଗି ହର୍ମୁଜ ପ୍ରଣାଳୀରେ ବାଣିଜ୍ୟିକ ଜାହାଜ ଓ ଭାରତୀୟ ନାବିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ଏଥିରେ ଏବେ ନେଗୀଙ୍କ ଭୂମିକ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି।ନିଜର କୂଟନୈତିକ କ୍ୟାରିୟରରେ ବିଶ୍ୱେସ ନେଗୀ ଭାରତ ସରକାରଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରାଳୟ ଓ ବିଦେଶୀ ମିସନର ମୁଖ୍ୟ ପଦପବୀରେ କାମ କରିଆସୁଛନ୍ତି। ସେ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରାଳୟରେ ଯୁଗ୍ମ ସଚିବ ଭାବେ ମଧ୍ୟ ସେବା ଦେଇଛନ୍ତି। ଏଠାରେ ସେ ଭାରତ-ଆମେରିକା ରକ୍ଷା ସହଯୋଗ ସମ୍ପର୍କିତ ଆହ୍ୱାନ ଓ ରଣନୀତି ଉପରେ କାମ କରିଛନ୍ତି।

# ଗୁପ୍ତଚରୀ ଅଭିଯୋଗରେ ୨ ଜଣଙ୍କୁ ମୃତ୍ୟୁଦଣ୍ଡ ଦେଲା ଇରାନ

**ନୂଆଦିଲ୍ଲୀ,୩।୮(ଏଜେନ୍ସି):**ସରକାରୀ ଆଇଆରଏନଏ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ନ୍ୟାୟପାଳିକା ସେମାନଙ୍କୁ ଓମିଦ୍ ବେହଜାଦ୍ ଏବଂ ପୋରିଆ ସଫଭାତ୍ ଭାବରେ ଚିହ୍ନଟ କରିଛି। ସେମାନେ ଗୁପ୍ତଚରୀ ଏବଂ ଦେଶଦ୍ରୋହ ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିଲେ।ନ୍ୟାୟପାଳିକା କହିଛି ଯେ ଏହି ଦୁଇଜଣ ୧୩ ଜୁନ୍ ୨୦୨୫ରେ ଇରାନ ଉପରେ ଇସ୍ରାଏଲ ଆକ୍ରମଣ ଏବଂ ୨୮ ଫେବ୍ରୁଆରି ୨୦୨୬ରେ ଆମେରିକା ଏବଂ ଇସ୍ରାଏଲ ମିଳିତ ଆକ୍ରମଣ ସମୟରେ ମୋସାଦ ଅଧିକାରୀମାନଙ୍କୁ ଇରାନୀ ସାମରିକ ଏବଂ ସୁରକ୍ଷା ସ୍ଥାନ ବିଷୟରେ ସମନ୍ୱୟ, ଫଟୋଗ୍ରାଫ୍ ଏବଂ ସୂଚନା ଯୋଗାଇଥିବା ଅଭିଯୋଗରେ ସେମାନେ ଦୋଷୀ ସାବ୍ୟସ୍ତ ହୋଇଥିଲେ।

# 'ମୁଁ ଛାତ୍ରବୃତ୍ତି ପତ୍ର ଏବଂ ଶିକ୍ଷା ଋଣ ପତ୍ର ଦେଖାଇବାକୁ ପ୍ରସ୍ତୁତ'

**ନୂଆଦିଲ୍ଲୀ,୩।୮(ଏଜେନ୍ସି):** ସୁରଟର ଆରଟିଆଇ କର୍ମୀ ଅମିତ ତିୱାରୀ କକ୍ରୋଚ୍ ଜନତା ପାର୍ଟି (ସିଜେପି) ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କ ପରିବାରର ଆର୍ଥିକ ସ୍ଥିତି ସମ୍ପର୍କରେ ଏକ ଆରଟିଆଇ ଦାଖଲ କରିଛନ୍ତି। ଏକ ଭିଡିଓ ଜାରି କରି ଦୀପକେ କହିଛନ୍ତି, ମୁଁ ଜାଣିବାକୁ ପାଇଲି ଯେ ଜଣେ କର୍ମୀ ମୋର ଶିକ୍ଷା ଖର୍ଚ୍ଚ ବିଷୟରେ ସୂଚନା ମାଗିବା ପାଇଁ ଏକ ଆରଟିଆଇ ଦାଖଲ କରିଛନ୍ତି। ମୁଁ ମୋର ଛାତ୍ରବୃତ୍ତି ପତ୍ର ଏବଂ ଶିକ୍ଷା ଋଣ ପତ୍ର ଦେଖାଇବାକୁ ପ୍ରସ୍ତୁତ। କିନ୍ତୁ ଯେଉଁ ଲୋକମାନେ ଆରଟିଆଇରେ ମୋ ବିରୋଧରେ



ଦାଖଲ କରିଛନ୍ତି ସେମାନେ କ'ଣ ନିଜର ପ୍ରକୃତ ଡିଗ୍ରୀ ଦେଖାଇବେ କି ?ଏଭଳି କହି ସେ ବିଜେପିକୁ ଟାର୍ଗେଟ କରିଛନ୍ତି। ଦୀପକେ ବୋଷ୍ଟନ୍ ବିଶ୍ୱବିଦ୍ୟାଳୟରୁ ସ୍ନାତକ ହାସଲ କରିଛନ୍ତି।ତାଙ୍କ ବାପା ଜଣେ ଅବସରପ୍ରାପ୍ତ କର୍ମଚାରୀ। ସୂଚନା ଅଧିକାର କର୍ମୀ ଅମିତ ତିୱାରୀ ମହାରାଷ୍ଟ୍ର ସରକାର, ଭାରତୀୟ ନିର୍ବାଚନ କମିସନ ଏବଂ କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ ନିକଟରେ ଏକ ସୂଚନା ଅଧିକାର ଆବେଦନ କରିଛନ୍ତି।ଏଥିରେ ଦାବି କରାଯାଇଛି ଯେ ଅଭିଜିତଙ୍କ ପିତା ଭଗବାନରାଓ ଦିପକେ ମହାରାଷ୍ଟ୍ର ଶିଳ୍ପ ବିକାଶ ନିଗମରେ ଜଣେ କନିଷ୍ଠ ଇଞ୍ଜିନିୟର ଭାବରେ କାର୍ଯ୍ୟ କରୁଥିଲେ। ଅବସର ନେବା ସମୟରେ ତାଙ୍କର ମାସିକ ଦରମା ପ୍ରାୟ ୬୦ ହଜାର ରୁ ୬୫ ହଜାର ଟଙ୍କା ଥିଲା। କର୍ମୀଙ୍କ ପ୍ରାଥମିକ ପ୍ରଶ୍ନ ହେଉଛି ଜଣେ ସ୍ୱଚ୍ଛ ଦରମା ଥିବା ସରକାରୀ କର୍ମଚାରୀ କିପରି ତାଙ୍କ ପୁଅକୁ ଆମେରିକାର ପ୍ରତିଷ୍ଠିତ ବୋଷ୍ଟନ ବିଶ୍ୱବିଦ୍ୟାଳୟରୁ ଜନସମ୍ପର୍କରେ ମାଷ୍ଟର ଡିଗ୍ରୀ କରାଇବାର ବିପୁଳ ଖର୍ଚ୍ଚ ବହନ କଲେ ଅଭିଯୋଗକାରୀ ଏହାକୁ ଆୟରୁ ଅଧିକ ସମ୍ପତ୍ତି ମାମଲା ବୋଲି କହି ତଦନ୍ତ ଦାବି କରିଛନ୍ତି।

# ଚୀନକୁ ଇଣ୍ଡୋ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ପ୍ରାଧାନ୍ୟ ବିସ୍ତାର କରିବାକୁ ଦେବ ନାହିଁ ଆମେରିକା

**ନୂଆଦିଲ୍ଲୀ,୩।୮(ଏଜେନ୍ସି):** ଆମେରିକାର ଇଣ୍ଡୋ-ପାସିଫିକ୍ କମାଣ୍ଡର ମୁଖ୍ୟ ଆଡମିରାଲ୍ ସାମୁଏଲ୍ ପାପାରୋ କହିଛନ୍ତି, ଚୀନ୍ ଏବଂ ଅନ୍ୟାନ୍ୟ ପକ୍ଷଙ୍କ ଦ୍ୱାରା କରାଯାଉଥିବା ଜୋରଜବରଦସ୍ତ କାର୍ଯ୍ୟ ଆଞ୍ଚଳିକ ସ୍ଥିରତାକୁ ଚ୍ୟାଲେଞ୍ଜ କରୁଛି। ସେ ଚେତାବନୀ ଦେଇଛନ୍ତି ଯେ, ଆମେରିକା କୌଣସି ରାଷ୍ଟ୍ରକୁ ଇଣ୍ଡୋ-ପାସିଫିକ୍ ଅଞ୍ଚଳରେ ନିଜର ପ୍ରାଧାନ୍ୟ ବିସ୍ତାର କରିବାକୁ ଅନୁମତି ଦେବ ନାହିଁ। କିଛି ପକ୍ଷ ବେଆଇନ ଦାବିକୁ ଯଥାର୍ଥ କରିବା ପାଇଁ ମିଥ୍ୟାର ଆଶ୍ରୟ ନେଉଛନ୍ତି ।ମାଲେସିଆରେ ଆମେରିକା ପ୍ରଶାନ୍ତ ମହାସାଗର କମାଣ୍ଡ ଦ୍ୱାରା ଆୟୋଜିତ ଏକ ଆଞ୍ଚଳିକ ସୁରକ୍ଷା ସମ୍ମିଳନୀରେ ଭିଡିଓ ଲିଙ୍କ୍ ମାଧ୍ୟମରେ ଭାଷଣ



ଦେଇ ପାପାରୋ କହିଛନ୍ତି ଯେ ଆମେରିକା ମୁକାବିଲା ନୁହେଁ ବରଂ ଶକ୍ତି ମାଧ୍ୟମରେ ଚୀନକୁ ପ୍ରତିହତ କରିବାକୁ ଚାହୁଁଛି। ଦକ୍ଷିଣ ଚୀନ୍ ସାଗରରେ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ତାଙ୍କର ଏଭଳି ମନ୍ତବ୍ୟ ଆସିଛି।ସମୁଦ୍ରର ସ୍ୱାଧୀନତା, ସାମୁଦ୍ରିକ ସୁରକ୍ଷା ଏବଂ ଖୋଲା ବାଣିଜ୍ୟ ଆଞ୍ଚଳିକ ସ୍ଥିରତାର କେନ୍ଦ୍ରବିନ୍ଦୁ। ଇଣ୍ଡୋ-ପ୍ରଶାନ୍ତ ମହାସାଗରରେ ଶୃଙ୍ଖଳା ରକ୍ଷା ପାଇଁ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଏବଂ ସମସ୍ତ ରାଷ୍ଟ୍ରର ସାର୍ବଭୌମତ୍ୱ ପ୍ରତି ସମ୍ମାନ ଅତ୍ୟାବଶ୍ୟକ। ଏହି ଅଞ୍ଚଳର ଜଟିଳ ସୁରକ୍ଷା ପରିବେଶ ବିଷୟରେ ଆମେରିକା କଡ଼ା ନଜର ରଖିଛି। ଆମର ଆଭିମୁଖ୍ୟ ଏବଂ ଆମର ଉଦ୍ଦେଶ୍ୟ ଭଲ ଭାବରେ ପରିଭାଷିତ। ଏହି ଅଞ୍ଚଳ ବିଶ୍ୱର ଭୂରାଜନୈତିକ ଏବଂ ଅର୍ଥନୈତିକ ଗୁରୁତ୍ୱର କେନ୍ଦ୍ର ହୋଇ ରହିଛି ଏବଂ ବଢୁଥିବା ଅସ୍ଥିରତା ଏସୁରକ୍ଷା ଚ୍ୟାଲେଞ୍ଜ ସହଯୋଗୀ ତଥା ଅଂଶୀଦାରମାନଙ୍କ ମଧ୍ୟରେ ସହଯୋଗକୁ ସଙ୍କଟଜନକ କରୁଛି ବୋଲି ସେ କହିଛନ୍ତି।

# ବାଂଲାଦେଶର ହିନ୍ଦୁ ସନ୍ନ୍ୟାସୀ ଚିନ୍ମୟ ଦାସଙ୍କୁ ଜାମିନ

**ନୂଆଦିଲ୍ଲୀ,୩।୮(ଏଜେନ୍ସି):**ବାଂଲାଦେଶର ହାଇକୋର୍ଟ ଜେଲରେ ଥିବା ହିନ୍ଦୁ ସନ୍ନ୍ୟାସୀ ଚିନ୍ମୟ କୃଷ୍ଣ ଦାସଙ୍କୁ ଦୁଇଟି ମାମଲାରେ ଜାମିନ ମଞ୍ଜୁର କରିଛନ୍ତି। ତେବେ ଜାମିନ ମିଳିଥିଲେ ବି ସେ ବର୍ତ୍ତମାନ ଜେଲରୁ ମୁକୁଳି ପାରିବେ ନାହିଁ, କାରଣ ତାଙ୍କ ନାମରେ ଆହୁରି ୪ଟି ଗୁରୁତର ମାମଲା ବିଚାରାଧୀନ ରହିଛି। ହାଇକୋର୍ଟର ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ତାଙ୍କ ବିରୋଧରେ ଥିବା ହତ୍ୟା ଉଦ୍ୟମ, ସରକାରୀ ସମ୍ପତ୍ତି ଭଙ୍ଗାରୁଜା ଏବଂ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗର ଶୁଣାଣି କରି ଜାମିନ ପ୍ରଦାନ କରିଛନ୍ତି।ଚିନ୍ମୟ ଦାସଙ୍କ ଓକିଲ ଅପୂର୍ବ କୁମାର ଭଟ୍ଟାଚାର୍ଯ୍ୟଙ୍କ ସୂଚନା ଅନୁଯାୟୀ, ଦେଶଦ୍ରୋହ ଏବଂ ହତ୍ୟା ଭଳି ଅନ୍ୟ ୪ଟି ମାମଲା ପେଣ୍ଡିଂ ଥିବାରୁ ସେ ଜେଲରେ ହିଁ ରହିବେ। ଚଟ୍ଟଗ୍ରାମରେ ଚିନ୍ମୟ ଦାସଙ୍କ ଗିରଫଦାରୀକୁ ନେଇ ବିକ୍ଷୋଭ ଚାଲିଥିବା ସମୟରେ ଜଣେ ସରକାରୀ ଓକିଲଙ୍କୁ ହତ୍ୟା କରାଯାଇଥିଲା, ଯେଉଁଥିରେ ତାଙ୍କୁ ମଧ୍ୟ ଅଭିଯୁକ୍ତ କରାଯାଇଛି ।୨୦୨୪ ନଭେମ୍ବର ମାସରେ ବାଂଲାଦେଶର ଜାତୀୟ ପତାକାକୁ ଅବମାନନା କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିଲା। ଏହା ପରେ ବାଂଲାଦେଶରେ ପ୍ରବଳ ବିରୋଧ ପ୍ରଦର୍ଶନ ଏବଂ ସାମ୍ପ୍ରଦାୟିକ ଉତ୍ତେଜନା ଦେଖାଦେଇଥିଲା। ପୂର୍ବରୁ 'ଇସ୍କନ୍' ସହ ଜଡ଼ିତ ଥିବା ଚିନ୍ମୟ ଦାସ ୨୦୨୪ରେ ଶେଖ ହସିନାଙ୍କ ସରକାର ପତନ ପରେ ସେ ବାଂଲାଦେଶର ହିନ୍ଦୁ ଓ ଅନ୍ୟାନ୍ୟ ଅଳ୍ପସଂଖ୍ୟକଙ୍କ ସୁରକ୍ଷା ଏବଂ ଅଧିକାର ପାଇଁ ଅନେକ ଶୋଭାଯାତ୍ରା ସଂଗଠିତ କରିଥିଲେ।ଦୀର୍ଘ ଦିନ ଧରି ଜେଲରେ ରହିବା ଏବଂ ଶାରୀରିକ ଅସୁସ୍ଥତା କାରଣରୁ ତାଙ୍କ ଆଇନଜୀବୀମାନେ ବାରମ୍ବାର ଜାମିନ ଆବେଦନ କରିଆସୁଥିଲେ, ଯାହା ପୂର୍ବରୁ ଖାରଜ କିମ୍ବା ସ୍ଥଗିତ ହୋଇଯାଉଥିଲା। ଚିନ୍ମୟ ଦାସଙ୍କ ଗିରଫଦାରୀ ପରେ ଭାରତ ସରକାର ଗଭୀର ଚିନ୍ତା ପ୍ରକଟ କରିଥିଲେ ଏବଂ ବାଂଲାଦେଶର ଅନ୍ତରୀଣ ସରକାରଙ୍କୁ ହିନ୍ଦୁ ଓ ସମସ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ସୁନିଶ୍ଚିତ କରିବାକୁ ନିବେଦନ କରିଥିଲେ। ଅଗଷ୍ଟ ୨୦୨୪ରେ ଶେଖ ହସିନା ଭାରତରେ ଶରଣ ନେବା ପରଠାରୁ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କରେ ତିକ୍ତତା ଦେଖାଦେଇଛି।



